# ଛାତରୁ ଖସିପଡ଼ି ରାଜମିସ୍ତ୍ରି ଗୁରୁତର

ସୋର, ୯।୬(ସମିସ) : ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ମଙ୍ଗଳପୁର ଦିଗି ଭଅଁରା ଗ୍ରାମରେ ପକା କାମ କରୁଥିବା ବେଳେ ଛାତରୁ ଖସିପଡ଼ି ଜଣେ ରାଜମିସ୍ତ୍ରି ଗୁରୁତର ଆହତ ହୋଇଛନ୍ତି। ଏହି ଗ୍ରାମର ଉମାଶଙ୍କର ସାହୁ(୪୦) ସ୍ଥାନୀୟ ଅଞ୍ଚଳରେ ଜଣେ ଭଲ ରାଜମିସ୍ତ୍ରି ଭାବେ ଜଣାଶୁଣା। ଗାଁ ନିକଟରେ ଜଣେ ବ୍ୟକ୍ତିଙ୍କ ପକ୍କା ଘରେ ଶିଢି କାମ କରୁଥିବା ବେଳେ ଅସବଧାନତା ବଶତଃ ତିନି ମହଲା ଛାତରୁ ତଳକୁ ଖସିପଡ଼ିଥିଲେ। ଫଳରେ ତାଙ୍କର ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟ ହୋଇ ରକ୍ତସ୍ରାବ ହେବା ସହିତ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଓ ପରେ ସେଠାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ୧୮ ତମ ଆଖଣ୍ଡଳେଶ୍ୱର ବିବାହ ପ୍ରସ୍ତୁତି

ଖଇରା, ୯।୬ (ସମିସ): ବାଲେଶ୍ୱର ଜିଲା ଖଇରାସ୍ଥିତ ବାବା ଆଖଣ୍ଡଳେଶ୍ୱରଙ୍କ ବିବାହ ପାଇଁ କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ୧୧ତାରିଖରେ ଅନୁଷ୍ଠିତ ବିବାହ କାର୍ଯ୍ୟକ୍ରମ ପାଇଁ ଗୁଆ ମଙ୍ଗଳନ ପରେ ଏବେ ଗୁଆବଣ୍ଟା ଓ ନିମନ୍ତ୍ରଣ ପତ୍ର ପ୍ରଦାନ କାର୍ଯ୍ୟକ୍ରମ ଜୋରସୋରରେ କରାଯାଉଛି। ଏଥିନିମନ୍ତେ ଆୟୋଜିତ ପ୍ରସ୍ତୁତି ବୈଠକରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ପୌରୋହିତ୍ୟ କରିଥିଲେ। ଏଥିରେ ଆଣ୍ଡଳେଶ୍ୱରଙ୍କ ବିବାହ କାର୍ଯ୍ୟ କିଭଳି ସୁରୁଖୁରୁରେ ହୋଇ ପାରିବ ସେଥିପାଇଁ କମିଟି ସଭ୍ୟଙ୍କ ମଧ୍ୟରେ ବ୍ୟାପକ ଆଲୋଚନା କରାଯାଇଥିଲା। ଆଲୋଚନା ଅନୁଯାୟୀ ସକାଳେ ଅଭିଷେକ ପରେ ସଂଧ୍ୟାରେ ଆଳଦାସ୍ଥିତ



ନନ୍ଦ କୁମାର ପାଣିଙ୍କ ଘରୁ ବରକନ୍ୟାଙ୍କୁ ବାଜାରୋଷଣି ସହ ଶୋଭାଯାତ୍ରାରେ ମନ୍ଦିର ସମ୍ମୁଖ ବିବାହ ମଣ୍ଡପକୁ ଅଣାଯିବାକୁ ସ୍ଥିର କରାଯାଇଥିଲା। ଉକ୍ତ ପ୍ରସ୍ତୁତି ବୈଠକରେ ପ୍ରଶାନ୍ତ କୁମାର ବେହେରା, ମଳୟ କୁମାର ମହାନ୍ତି, ଯୋଗେଶ ଶତପଥି, ମିହିର କୁମାର ନାୟକ, ତ୍ରଲୋକ୍ୟ ଲେଙ୍କା, ପିତାମ୍ବର ନାୟକ, ବିକ୍ରମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାରୁ ବାଂଲାଦେଶ ସୀମା; ଗୋଚାଲାଣ ରାକେଟ୍ ସକ୍ରିୟ

- ଜାତୀୟ ରାଜପଥ ବଦଳରେ ଆନ୍ତଃରାଜ୍ୟ ଗଳାବାଟ ପାଲଟିଛି ନୂଆ ମାଧ୍ୟମ
- ଥାନାଛକ-ମାନକୁଣ୍ଡା ରାସ୍ତାରେ ୧୦ ଚକିଆ ଟ୍ରକ ସହିତ ୩୨ ଗୋରୁ ଉଦ୍ଧାର

ଭୋଗରାଇ/ଚୌକି, ୯।୬ (ସମିସ) :



ଓଡ଼ିଶାର ବିଭିନ୍ନ ସ୍ଥାନରୁ ଗୋ-ମାଫିଆ ମାନେ ଦଲାଲ ମାନଙ୍କ ସହଯୋଗରେ ପ୍ରତିଦିନ ହଜାର ହଜାର ଗୋରୁ କିଣି ବଡ ବଡ କଣ୍ଟେନର ଓ ଟ୍ରକ ଯୋଗେ ପଶ୍ଚିମବଙ୍ଗ ରାଜ୍ୟର ବାଂଲାଦେଶ ସୀମାକୁ ଚାଲାଣ କରୁଛନ୍ତି। ସେଠାରୁ ବୋର୍ଡର ପାର ହୋଇ ବାଂଲାଦେଶକୁ ଯାଉଛି। ପ୍ରାଣୀ କ୍ରୁରତା ନିରୋଧ ଆଇନକୁ ଉଲଂଘନ କରି ଗୋ-ମାଫିଆ ମାନେ ଗୋରୁ ଚାଲାଣ କରୁଥିଲା ବେଳେ ଅତି ନିର୍ଦ୍ଦୟ ଭାବେ ସେଗୁଡ଼ିକର ବେକ ଓ ଗୋଡ ବାନ୍ଧି ବସ୍ତା ଲଦିଲା ଭଳି ଲଦାଲଦି କରି କଣ୍ଟେନର, ଟ୍ରକ ଓ ପିକଅପ ଭେନରେ ଚାଲାଣ କରୁଛନ୍ତି। ରବିବାର ସକାଳ ୫ ଟା ସମୟରେ ଏଭଳି ଭାବେ ତିନୋଟି ଟ୍ରକରେ ଗୋରୁ ବୋଝେଇ ହୋଇ ଥାନାଛକ- ମାନକୁଣ୍ଡା ଆନ୍ତଃରାଜ୍ୟ ଯୋଗାଯୋଗ ରାସ୍ତାରେ ଯାଉଥିଲା ବେଳେ ପଛରେ ଥିବା ଏକ ୧୦ ଚକିଆ ଟ୍ରକ ଦେଉଳା ହାଟ ପାର୍ଶ୍ୱ ତପନ ଦିଣ୍ଡାଙ୍କ ବରଫ କଳ ସମ୍ମୁଖରେ ରାସ୍ତା ପାର୍ଶ୍ୱ ବାଲିରେ ଦବି ଯାଇଥିଲା। ଟ୍ରକଟିକୁ ବାଲିରୁ ବାହାର କରି ନପାରି ଚାଳକ ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ଭୋଗରାଇ ଥାନା ପୁଲିସକୁ ଖବର ଦେଇଥିଲେ। ଭୋଗରାଇ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଯୁବକମାନଙ୍କ ସହଯୋଗରେ ଟ୍ରକରେ ଥିବା ୩୨ ଟି ଗୋରୁକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ରେମୁଣା ସ୍ଥିତ ଗୋଶାଳାକୁ ପଠାଇବା ସହିତ ଟ୍ରକଟିକୁ ଜବତ କରି ଥାନାକୁ ନେଇଛନ୍ତି। ଅନ୍ୟପକ୍ଷରେ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ପୂର୍ବତନ ଦେଉଳା ସରପଞ୍ଚ ସୁକୁମାର ଜେନା, ପୂର୍ବତନ ଅନଳିଆ ସରପଞ୍ଚ ବ୍ରଜକିଶୋର ମହାନ୍ତି, ସମାଜସେବୀ ତଥାଗତ ମିଶ୍ର, ଦେବୀପ୍ରସାଦ ଦାଶ ଗୋସ୍ୱାମୀ, ରାଜେନ୍ଦ୍ର ଜେନା ପ୍ରମୁଖଙ୍କ ଲିଖିତ ଅଭିଯୋଗ କ୍ରମେ ଭୋଗରାଇ ଥାନାରେ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ୬୦ ନଂ ଜାତୀୟ ରାଜପଥରେ ହେଉଥିବା ବେଆଇନ ଗୋଚାଲାଣ ଉପରେ ନିୟମିତ ପୁଲିସ ଧରପଗଡ଼ ହେବା ଫଳରେ ଗୋ-ମାଫିଆ ମାନେ ଏବେ ବିଭିନ୍ନ ଆନ୍ତଃରାଜ୍ୟ ଯୋଗାଯୋଗ ଗଳା ରାସ୍ତା ଦେଇ ପଶ୍ଚିମବଙ୍ଗକୁ ଗୋ ଚାଲାଣ କରୁଛନ୍ତି। ବଡ ବଡ ଟ୍ରକ ପରିବର୍ତ୍ତେ ଏବେ ପିକ-ଅପ ଭେନ ଓ ଛୋଟ ଛୋଟ ଗାଡ଼ି ବ୍ୟବହାର କରୁଛନ୍ତି। ଗୋଟିଏ ପିକ-ଅପ ଭ୍ୟାନରେ ଅତି ବେଶୀରେ ୩ ଟି ଗୋରୁ ବୋଝେଇ ହେବା ସ୍ଥାନରେ ଗୋ-ମାଫିଆ ମାନେ ସେଥିରେ ୨୦ ରୁ ୨୫ ଗୋରୁକୁ ଲଦାଲଦି କରି ଏବଂ ଅତି ନିର୍ଦ୍ଦୟ ଭାବେ ଦଉଡିରେ ବାନ୍ଧି ଚାଲାଣ କରୁଛନ୍ତି। ଅଧିକାଂଶ ଗୋରୁ ଗାଡି ବାଲିଆପାଳ-କମର୍ଦ୍ଦା ରାସ୍ତାରେ ଆସି ଉଲୁଡା-ଭୋଗରାଇ ଲକ୍ ଗେଟ ରାସ୍ତା ମାଧ୍ୟମରେ ଲକ ଗେଟ-ବାଟଗ୍ରାମ-ମାନକୁଣ୍ଡା ବନ୍ୟା ପ୍ରତିରୋଧକ ଭୁଆବନ୍ଧ ଏବଂ ଥାନାଛକ-ମାନକୁଣ୍ଡା ରାସ୍ତା ଦେଇ ପଶ୍ଚିମବଙ୍ଗକୁ ଯାଉଛି। ଏହାସହିତ ବାଲିଆପାଳ-କମର୍ଦ୍ଦା ରାସ୍ତାରୁ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ହୋଇ ନହରା -ବାଲିମ, କମର୍ଦ୍ଦା- ଖଏର୍ଦ୍ଦା, ସାହୁ ଛକ-ବେଲଦା, ମହାଗବ ଛକ-ମାହାଦିଆ, ବେଣୁଦା-ମାହାଦିଆ, ଥାନାଛକ- ଗଣେଶ୍ୱରପୁର ହାଟ, ଥାନାଛକ -ମାନକୁଣ୍ଡା ହାଟ ଆଦି ଆନ୍ତଃରାଜ୍ୟ ଯୋଗାଯୋଗ ପ୍ରଧାନମନ୍ତ୍ରୀ ସଡକ ବ୍ୟବହାର କରି ପଶ୍ଚିମବଙ୍ଗକୁ ଗୋଚାଲାଣ ହେଉଛି। ପ୍ରତିଦିନ ବିଳମ୍ବିତ ରାତିରେ ବାଲିଆପାଳ-କମର୍ଦ୍ଦା ରାସ୍ତାରେ ୨୦ ରୁ ଊର୍ଦ୍ଧ୍ୱ ଗୋରୁ ବୋଝେଇ ପିକଅପ ଭ୍ୟାନ ପଶ୍ଚିମବଙ୍ଗକୁ ଯାଉଥିଲା ବେଳେ ସମ୍ପୃକ୍ତ ଗୋ-ମାଫିଆ ଓ ରାସ୍ତାରେ ସୁରକ୍ଷା ଯୋଗାଇ ଦେବା ସହ ଓଡ଼ିଶା ସୀମା ପାର କରିବାରେ ନିଯୁକ୍ତ ଦଲାଲ ମାନେ ନିୟମିତ ନିର୍ଦ୍ଦିଷ୍ଟ ଗୋଟିଏ ରାସ୍ତା ପରିବର୍ତ୍ତେ ଅଦଳବଦଳ କରି ବିଭିନ୍ନ ଆନ୍ତଃରାଜ୍ୟ ଯୋଗାଯୋଗ ଗଳା ରାସ୍ତା ବ୍ୟବହାର କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ୬୦ ନଂ ଜାତୀୟ ରାଜପଥରେ ପଶ୍ଚିମବଙ୍ଗକୁ ଗୋଚାଲାଣ ହେଉଥିବା କଣ୍ଟେନର ଗୁଡ଼ିକୁ ୬୦ ନଂ ଜାତୀୟ ରାଜପଥର ରୁପ୍ସା ପାଖରୁ ସୁରକ୍ଷା ଯୋଗାଇ ଦେବା ସହ ଓଡ଼ିଶା ସୀମା ପାର କରାଇ ପଶ୍ଚିମବଙ୍ଗରେ ପ୍ରବେଶ କରାଇବା କାର୍ଯ୍ୟରେ ବହୁ ସଶସ୍ତ୍ର ଯୁବକ ନିୟୋଜିତ ରହିଛନ୍ତି। ଫଳରେ ଏହି ଗୋଚାଲାଣ ବିରୋଧରେ ସ୍ଥାନୀୟ ଲୋକେ ଆଗକୁ ବାହାରୁନଥିବା ଜଣାପଡ଼ିଛି।

## ବିଶ୍ୱହିନ୍ଦୁ ପରିଷଦର ସାମ୍ବାଦିକ ସମ୍ମିଳନୀ

# ଗୋ-ଚାଲାଣ ବନ୍ଦ କରାନଗଲେ ଆନ୍ଦୋଳନ ଚେତାବନୀ

ଭୋଗରାଇ, ୯।୬ (ସମିସ): ରାଜ୍ୟରେ ବୃଦ୍ଧି ପାଇଛି ବେଆଇନ ଗା-ଚାଲାଣ। ଗୋ ମାଫିଆ ମାନେ ପୁଲିସ ଓ ପ୍ରଶାସନ ସହିତ ମଧୁଚନ୍ଦ୍ରିକାରେ ରହି ସିଧାସଳଖ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥରେ ନଯାଇ ଗୋରୁ ବୋଝେଇ ଟ୍ରକ ଓ ପିକଅପ୍ ଭେନ ଗୁଡିକୁ ଭୋଗରାଇ ବ୍ଲକର ବିଭିନ୍ନ ଆନ୍ତଃରାଜ୍ୟ ସଂଯୋଗ ରାସ୍ତାରେ ପଶ୍ଚିମବଙ୍ଗକୁ ନେଉଛନ୍ତି। ଗୋ ମାଫିଆ ମାନେ ପ୍ରତିଦିନ ରାସ୍ତା ପରିବର୍ତ୍ତନ କରି ବିଳମ୍ବିତ ରାତିରେ ବିଭିନ୍ନ ରାସ୍ତା ଦେଇ ପଶ୍ଚିମବଙ୍ଗକୁ ଗୋରୁ ବୋଝେଇ ଟ୍ରକ ଓ ପିକଅପ୍ ଭେନ ନେଉଛନ୍ତି। ଅତି ନିଷ୍ଠୁର ଭାବେ ଗୋରୁ ଗୁଡିକର ବେକ ଓ ଗୋଡ଼ ବାନ୍ଧି ବସ୍ତା ଭଳି ଲଦାଲଦି କରି ଚାଲାଣ କରୁଛନ୍ତି। ଭୋଗରାଇ ଏବେ ଗୋ ମାଫିଆ ମାନଙ୍କ ସୁରକ୍ଷିତ ଗୋ- ଚାଲାଣର ମାଧ୍ୟମ ପାଲଟିଛି। ପୁଲିସ ଓ ପ୍ରଶାସନ ପାଖରେ ଖବର ଥିଲେ ମଧ କାର୍ଯ୍ୟାନୁଷ୍ଠାନ ଶୂନ। ରବିବାର ସକାଳ



୫ ଟା ସମୟରେ ଭୋଗରାଇ ଥାନା ଅନ୍ତର୍ଗତ ଥାନାଛକ- ମାନକୁଣ୍ଡା ଆନ୍ତଃରାଜ୍ୟ ସଂଯୋଗ ରାସ୍ତାରେ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଏକ ଗୋରୁ ବୋଝେଇ ଟ୍ରକ ଦେଉଳା ହାଟ ନିକଟସ୍ଥ ରାସ୍ତା ପାର୍ଶ୍ୱ ବାଲିରେ ଦବି ଯାଇଥିଲା। ସ୍ଥାନୀୟ ଲୋକେ ଏହି ଟ୍ରକକୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ସେଥିରୁ ୩୨ଟି ଗୋରୁ ଉଦ୍ଧାର କରି ଗୋଶାଳାକୁ ନେଇଥିଲା ବେଳେ ସେଥିରୁ ଦୁଇଟି ଗୋରୁର ମୃତ୍ୟୁ ହୋଇଥିଲା। ଏହାସହିତ ଟ୍ରକଟିକୁ ଜବତ କରି ଭୋଗରାଇ ଥାନାରେ ପୁଲିସ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି।ଏହି ଗୋ-ଚାଲାଣ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଗୋ-ଚାଲାଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ବିଶ୍ୱହିନ୍ଦୁ ପରିଷଦ ଭୋଗରାଇ ପ୍ରଖଣ୍ଡ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ନଚେତ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଏନେଇ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଓ ଗୋରକ୍ଷକ ମାନଙ୍କ ପକ୍ଷରୁ ଭୋଗରାଇ ଥାନା ଆଇଆଇସି ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଭୋଗରାଇ ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ସ୍ଥିତ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟାଳୟଠାରେ ରବିବାର ଅପରାହ୍ନରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ସଭାପତି ଗୌରହରି ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ରାମହରି ସୁର, ସମ୍ପର୍କ ପ୍ରମୁଖ ଦିଲ୍ଲୀପ କୁମାର କାମିଲା, ଉପସଭାପତି ଶ୍ରୀପତି ଚରଣ ବାରିକ, ସହ ସମ୍ପାଦକ ଭକ୍ତିପଦ ପାଣ୍ଡେ, ବଜରଙ୍ଗ ଦଳ ପ୍ରମୁଖ ସୂର୍ଯ୍ୟକାନ୍ତ ବାରିକ, ସୁବ୍ରତ ତରାଇ, ମହେନ୍ଦ୍ର ଭୋଳ, ସେବା ପ୍ରମୁଖ ସୁଦାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ସହିଦ ବିର୍ସା ମୁଣ୍ଡା ବଳିଦାନ ଦିବସ ପାଳିତ



ଜଳେଶ୍ୱର ବ୍ଲକ/ରାଇବଣିଆ, ୯।୬ (ସମିସ): ଭାରତ ମାତାର କ୍ରାନ୍ତି ବୀର ସହିଦ ବିର୍ସା ମୁଣ୍ଡା ଯାହାଙ୍କ ଗୋଟିଏ ଡାକରାରେ ଇଂରେଜ ସେନାର ଛାତି ଥର ହର ହୋଇ ଉଠୁଥିଲା। ରବିବାର ସାରା ଭାରତବର୍ଷ ସହିଦ ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ କରି ସ୍ମୃତିକୁ ମନେ ପକାଉଛି। ଖୁଦିଆମାଝୀ ସାହି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିର୍ସା ମୁଣ୍ଡା ଛକ ନିକଟରେ ବିର୍ସା ମୁଣ୍ଡାଙ୍କର ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଯୁବନେତା ଚନ୍ଦନ କୁମାର ପାଳଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜଳେଶ୍ୱର ବିଜେପିର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ଯୋଗଦାନ କରି ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ ସର୍ବଦା ସହଯୋଗର ହାତ ବଢ଼େଇବେ ବୋଲି ପ୍ରତିଶୃତି ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଯୁବ ନେତା ବିପ୍ଳବ ପ୍ରଧାନ ପରିଚାଳନା କରିଥିଲେ। ପୂର୍ବତନ ସରପଞ୍ଚ ସତ୍ୟ ଶୋଭନ ମିଶ୍ର, କାଳିଚରଣ ଦାସ, ରାଜେନ୍ଦ୍ର ସିଂ, ସନ୍ତୋଷ ସାହୁ, ରାସବିହାରୀ ରଣା, ରହିମ ରଞ୍ଜନ ଦେ, ଶିଶିର ପ୍ରଧାନ, ଲକ୍ଷ୍ମୀ ସିଂ, ଗଣେଶ ସିଂ, ରବି ହାଁସଦା, ଦିଲ୍ଲୀପ ଧାଉଡ଼ିଆ, ସଞ୍ଜୟ ଘୋଷ ପ୍ରମୁଖ ଶତାଧିକ ଲୋକ ଯୋଗଦାନ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ କର୍ମଶାଳା

ସୋର, ୯।୬(ସମିସ): ସୋର ପୌର ପାଳିକା ଅନ୍ତର୍ଗତ କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚାରି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ଶଙ୍କୁଳ ପ୍ରମୁଖ ମନିନ୍ଦ୍ର କୁମାର ଦୀକ୍ଷିତଙ୍କ ପୌରୋହିତ୍ୟ ଉଦଘାଟନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ସଭାପତି ତଥା ଅବସର ପ୍ରାପ୍ତ ଅଧକ୍ଷ ଭାଗିରଥି ସାହୁ, ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବାଲେଶ୍ୱର ଶାଖାର ବିଭାଗ ପ୍ରଚାର ପ୍ରମୁଖ ସଞ୍ଜୟ କୁମାର ସାହୁ ଉପସ୍ଥିତ ରହି



ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଖଗେଶ୍ୱର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମାର୍କୋଣା ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୧୩ ଟି ଶିଶୁ ମନ୍ଦିରର ୧୨୬ ଜଣ ଗୁରୁଜୀ ଗୁରୁମା ଓ ୧୩ ଜଣ ପ୍ରଧାନ ଆଚାର୍ଯ୍ୟ ଯୋଗ ଦେଇଥିଲେ।

# ଗୋରୁ ଗାଡ଼ି ଜବତ, ୫ ଗୋରୁ ଉଦ୍ଧାର

ରାଜଘାଟ, ୯।୬(ସମିସ): ବସ୍ତା ପୁଲିସ ଉପଖଣ୍ଡ ଅଧୀନସ୍ଥ ସିଂଲା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥର ଭେଲୋରା ଛକ ଦେଇ କାଦରାୟାଁକୁ ଏକ ମିନି ଟ୍ରକରେ ଗୋରୁ ଚାଲାଣ ହେଉଥିବା ସମୟରେ ଆମ୍ବକୁଡୁଚି ଛକ ନିକଟରୁ ସ୍ଥାନୀୟ ଗ୍ରାମବାସୀ ଓ ବସ୍ତା ବଜରଙ୍ଗ ଦଳର ମିଳିତ ସହଯୋଗ କ୍ରମେ ୫ଟି ଗୋରୁ ଉଦ୍ଧାର ହୋଇଥିବା ବେଳେ ଚାଳକ ଏବଂ ଖଲାସିକୁ କାବୁ କରି ପୁଲିସରେ ଜିମା ଦିଆଯାଇଛି। ରବିବାର ସକାଳ ସମୟରେ ଏକ ଗୋରୁ ବୋଝେଇ ମିନି ଟ୍ରକ ପାଉଁଶକୁଲି ମୁଖ୍ୟ ରାସ୍ତା ଦେଇ କାଦରାୟାଁକୁ ଯିବା ସମୟରେ ଆମ୍ବକୁଡୁଚି ଛକ ନିକଟରେ ରାସ୍ତା ଜାମ୍ ଥିବାରୁ ତାହା ଅଟକିଥିଲା। ଏହି ସମୟରେ ଟ୍ରକରୁ ଗୋମୂତ୍ର ରାସ୍ତାରେ ପଡ଼ିବାରୁ ସ୍ଥାନୀୟ ଲୋକେ ବଜରଙ୍ଗ ଦଳର ସଦସ୍ୟଙ୍କୁ ଖବର ଦେଇଥିଲେ। ଏହା ଜାଣି ଚାଳକ ଓ ଖଲାସୀ ଘଟଣା ସ୍ଥଳରୁ ଚମ୍ପଟ୍ ମାରିବାକୁ ଚେଷ୍ଟା କରୁଥିବା ସମୟରେ ଗ୍ରାମବାସୀ ସେମାନଙ୍କୁ କାବୁ କରି ସିଂଲା ଥାନାକୁ ଖବର ଦେଇଥିଲେ। ପରେ ଟ୍ରକଟିର ପଛ ଡାଲା ଖୋଲି ସମସ୍ତ ୧୭ଟି ଗୋରୁକୁ ବାହାରକୁ ଅଣାଯାଇଥିଲା। ବାହାରକୁ ବାହାରିବା ମାତ୍ରକେ ସେଥିରୁ ୧୨ଟି ଗୋରୁ ଏଣେତେଣେ ପଳାଇଯାଇଥିବା ବେଳେ ସିଂଲା ଥାନା ଅଧିକାରୀ ଭୁବନ ମୋହନ ସେଠୀ ସଦଳବଳେ ପହଞ୍ଚି ଚାଳକ ଓ ଖଲାସୀକୁ ଗିରଫ କରି ଅବଶିଷ୍ଟ ୫ଟି ଗୋରୁକୁ ଉଦ୍ଧାର ସହ ଟ୍ରକଟିକୁ ମଧ୍ୟ ଜବତ କରିଥିଲେ। ଏ ସଂକ୍ରାନ୍ତରେ ସିଂଲା ଥାନାରେ ୧୦୩/୨୪ ମୂଳେ ଏକ ମାମଲା ରୁଜୁ ହୋଇ ଗିରଫ ଚାଳକ ଓ ଖଲାସୀକୁ ଅଦାଲତ ଚାଲାଣ କରାଯାଇଛି। ଉଦ୍ଧାର ଗୋରୁ ଗୁଡ଼ିକୁ ବାମପଦାସ୍ଥିତ ଗୋଶାଳାରେ ନେଇ ଛଡ଼ାଯାଇଛି।



# ଗୋପାଳପୁର-ଗୁଡ଼ ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ

ବାହାନଗା, ୯।୬(ସମିସ) :



ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ପୂର୍ତ୍ତ ବିଭାଗର ସୋର ସବ ଡିଭିଜନ ଗୋପାଳପୁର - ଗୁଡ଼ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ନୀରବତାକୁ ନେଇ ସ୍ଥାନୀୟଲୋକେ ପ୍ରଶ୍ନ ଉଠାଇଛନ୍ତି।
ପୂର୍ତ୍ତ ବିଭାଗର ସୋର ସବ୍ ଡିଭିଜନର ଗୋପାଳପୁର - ଗୁଡ଼ ରାସ୍ତାର ଉନ୍ନତିକରଣ ପାଇଁ ୪୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଟେଣ୍ଡର ନେଇ ଆର.କେ.ଡ଼ି ଠିକା ସଂସ୍ଥା କାର୍ଯ୍ୟ ଜାରି ରଖିଛି। ଗୋପାଳପୁରଠାରୁ ଅନନ୍ତପୁର ଯିବା ରାସ୍ତାର ଅଞ୍ଜି ଛକ ପରେ ବାମ ପାର୍ଶ୍ୱରେ ହେଉଥିବା ଗାର୍ଡୱାଲ କାର୍ଯ୍ୟକୁ ଠିକା ସଂସ୍ଥା ଅତ୍ୟନ୍ତ ନିମ୍ନମାନର କରୁଥିବା ବେଳେ ସଠିକ ଭାବେ ଭାଇବ୍ରେଟର ବ୍ୟବହାର କରାନଯିବା ଫଳରେ ଚିପ୍ସ ବାହାରକୁ ଦେଖା ଯାଉଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। ବିଭାଗୀୟ ଯନ୍ତ୍ରୀ ସନାତନ ନାୟକ ଏବଂ ସୋର ନିର୍ବାହୀ ଯନ୍ତ୍ରୀ ସୁଶ୍ରୀ ସଙ୍ଗୀତା ସାହୁ କାର୍ଯ୍ୟର ସଠିକ ତଦାରଖ କରୁନଥିବାରୁ ଠିକା ସଂସ୍ଥା ଏଭଳି ନିମ୍ନମାନର କାର୍ଯ୍ୟ କରୁଥିବାର ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ସେହିପରି ଠିକାସଂସ୍ଥା ନିମ୍ନମାନର କାର୍ଯ୍ୟ କରୁଥିବା ବେଳେ ବିଭାଗୀୟ ଅଧିକାରୀ ସଠିକ ତଦାରଖ ନ କରିବା ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାକୁ ପଦାରେ ପକାଇଛି। ନିମ୍ନମାନର କାର୍ଯ୍ୟ ସମ୍ପର୍କରେ ପୂର୍ତ୍ତ ବିଭାଗର ସୋର ସବ ଡ଼ିଭିଜନ ନିର୍ବାହୀ ଯନ୍ତ୍ରୀ ସୁଶ୍ରୀ ସଙ୍ଗୀତା ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କୁହନ୍ତି ଠିକାଦାରଙ୍କୁ ତାଗିଦ କରାଯାଇଛି, କାମ ଖରାପ ହୋଇଥିବା ସ୍ଥାନକୁ ଭଙ୍ଗା ଯାଇ ନୂଆ ନିର୍ମାଣ କରାଯିବ ବୋଲି କହିଛନ୍ତି। ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।






# ଭୂୟାଁ ଜୁଆଙ୍ଗ ପୀଢ଼ ବନାଞ୍ଚଳରୁ ବ୍ୟାପକ ଲଘୁ ଖଣିଜ ଗାଏବ

**କେନ୍ଦୁଝର,୯।୬(ସମିସ):** କେନ୍ଦୁଝର ଜିଲ୍ଲା ଖଣିଜ ସମ୍ପଦରେ ଭରପୁର ଜିଲ୍ଲା ଭାବେ ଜଣା। ଏଜିଲ୍ଲାର ବିଭିନ୍ନ ସ୍ଥାନରେ ଖଣିଜ ସମ୍ପଦ ଗଚ୍ଛିତ ରହିଛି। କେବଳ ଖଣିଜ ସମ୍ପଦ ନୁହେଁ; ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ୟାପକ ଲଘୁଖଣିଜ ସମ୍ପଦ ଗଚ୍ଛିତ ରହିଛି। ସେଥିମଧ୍ୟରୁ କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଭୂୟାଁ ଜୁଆଙ୍ଗ ପୀଢ଼ ଅନ୍ତର୍ଗତ ବିଭିନ୍ନ ବନାଞ୍ଚଳ ଏବଂ ରାଜସ୍ୱ ଜଙ୍ଗଲ ଅଞ୍ଚଳରେ ଭରପୁର ଲଘୁଖଣିଜ ରହିଛି। ମାତ୍ର ଯେଉଁ ପ୍ରକାରରେ ଏହି ଅଞ୍ଚଳରୁ ଲଘୁଖଣିଜ ଗାଏବ ହେବାରେ ଲାଗିଛି। ଆଗାମୀ ଦିନରେ ସେ ଅଂଚଳରୁ ଲଘୁଖଣିଜ ପଦାର୍ଥ ମିଳିବା ମୁଷ୍କିଲ ହେବ ନିଶ୍ଚୟ। ବର୍ତ୍ତମାନ ଜିଲ୍ଲାରେ ଅନେକ ଗୁଡିଏ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ସେଥିମଧ୍ୟରୁ ରାସ୍ତା ପ୍ରକଳ୍ପ ଅଧିକ କାର୍ଯ୍ୟକାରୀ ହେଉଛି। ମାତ୍ର ରାସ୍ତା ତିଆରି ନାମରେ ଭୂୟାଁ ଜୁଆଙ୍ଗ ପୀଢ଼ ବନାଞ୍ଚଳରୁ ଅନୁମତି ନେଇ ଶତାଧିକ ସ୍ଥାନରେ ହଜାର ହଜାର ଟ୍ରିପ ମୋରମ ଖୋଳାଯାଉଛି ନା କିଏ ନେଇଯାଇଛି ବୁଝା ପଡୁନାହିଁ। ଏପରିକି ଶୁଆକାଟୀ କାଦକଳା, କୁଶକଳା ଆଡୁ ସୁନ୍ଦରଗଡ ସଂଯୋଗ ରାସ୍ତା କଡରେ ପୋଖରୀ ଭଳି ଗଣ୍ଡାଗଣ୍ଡା ଗାତ କରାଯାଇ ଲଘୁ ଖଣିଜ ସମ୍ପଦ ଗାଏବ କରାଯାଇଛି। ଯେଉଁ ଆଡକୁ ଦେଖିଲେ ମାଳମାଳ ଗର୍ତ୍ତ ରହିଛି। ବନବିଭାଗ ଏବଂ ରାଜସ୍ୱ ବିଭାଗର ଅଜାଣତରେ ଏଭଳି ବ୍ୟାପକ ଲଘୁଖଣିଜ ଅନ୍ୟତ୍ର ନିଆଯାଇଛି ଏହା ବିଶ୍ୱାସ ଯୋଗ୍ୟ ନୁହେଁ। କାରଣ ଯେତିକି ବଡବଡ ଗର୍ତ୍ତକରି ମୋରମ ବୁହାଯାଇଛି। ଏହା ଦିନେ କିମ୍ବା ଦୁଇଦିନ ମଧ୍ୟରେ ନେବା ସମ୍ଭବ ନୁହେଁ। ନିଶ୍ଚିତଭାବେ ସେଠାରୁ ପରିବହନ ନିମନ୍ତେ ମାସେରୁ ଅଧିକ ସମୟ ଲାଗିଥିବ। ଏଭଳି ପରିସ୍ଥିତିରେ ସମ୍ପୃକ୍ତ ବିଭାଗ ଗୁଡିକ ଜାଣିପାରୁନାହାନ୍ତି କିପରି। ଯଦି ବିଭାଗ ଗୁଡିକରେ ନଜର ଥିଲା ତାହେଲେ ଏତେପରିମାଣର ମୋରମ ବନାଞ୍ଚଳ ଏବଂ ରାଜସ୍ୱ ଜଙ୍ଗଲ ମାନଙ୍କରୁ ଗାଏବ କରୁଛି କିଏ। ବଡବଡ ଗର୍ତ୍ତ ହେବା ଫଳରେ ଜନଜୀବନ ହାନୀର ସମ୍ଭାବନା ରହୁଥିବା ବେଳେ ବନ୍ୟଜନ୍ତୁମାନଙ୍କ ପ୍ରତି ବିପଦର ଆଶଙ୍କା ରହୁଛି। ବର୍ଷାଦିନେ ଏହି ଗାତ ଗୁଡିକରେ ପାଣି ଜମି ଜୀବଜନ୍ତୁଙ୍କ ନିମନ୍ତେ ବିପଦ ସୃଷ୍ଟି କରିବ ନିଶ୍ଚୟ। ଏହି ଅଞ୍ଚଳରୁ କେବଳ ଯେ ମୋରମ ଗାଏବ ହେଉଛି ତାହା ନୁହେଁ। ମୂଲ୍ୟବାନ ପଥର ମଧ୍ୟ ଅନେକ ସ୍ଥାନରୁ ଗାଏବ ହେବାରେ ଲାଗିଛି। କିଭଳି ଓ କେଉଁ ପରିସ୍ଥିତିରେ ବ୍ୟାପକ ଲଘୁ ଖଣିଜ ସମ୍ପଦ ଏ ଅଞ୍ଚଳରୁ ଦିନକୁ ଦିନ ଗାଏବ ହେବାରେ ଲାଗିଛି ତାକୁନେଇ ଅଞ୍ଚଳବାସୀ ଚିନ୍ତାରେ ରହୁଛନ୍ତି। ଲଘୁଖଣିଜ ସମ୍ପଦର ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବିଭାଗ କରାଗଲାଣି। ମାତ୍ର ଅଶାନୁରୋପ କାର୍ଯ୍ୟାନୁଷ୍ଠାନ ଅଭାବରୁ ଲଘୁଖଣିଜ ମାଫିଆମାନଙ୍କ ଦ୍ୱାରା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବାଲି, ମୋରମ, ପଥର ଲୁଚା ଚୋରାରେ ଗାଏବ ହୋଇଚାଲିଛି। ସବୁଠାରୁ ଅଧିକ ଭୂୟାଁ ଜୁଆଙ୍ଗ ପୀଢ଼ ବନାଞ୍ଚଳରୁ ଲଘୁଖଣିଜ ସମ୍ପଦ ଗାଏବ ହେଉଥିବା ଲୋକେ ଅଭିଯୋଗ କରୁଥିବାବେଳେ ସେ ଅଞ୍ଚଳର ବନକର୍ମଚାରୀ, ରାଜସ୍ୱ କର୍ମଚାରୀଙ୍କର ଅଜାଣତରେ ଏଭଳି ହେବା ସମ୍ଭବପର ନଥିବାରୁ କିଏ ଏଭଳି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। କାହା ପ୍ରରୋଚନାରେ ମୋରମ, ପଥର ଚୋରିକରି ନେଉଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା ରହିଛି। ପ୍ରଶାସନ ଓ ସଂପୃକ୍ତ ବିଭାଗ ଏଦୀଗରେ ଦୃଷ୍ଟି ନଦେଲେ ଆଗାମୀ ଦିନରେ ଏଅଞ୍ଚଳରେ ବେଆଇନ ଲଘୁଖଣିଜ ଚୋରା କାରବାର ବୃଦ୍ଧିପାଇବା ସମ୍ଭାବନା ରହିଥିବା ବେଳେ ସରକାରଙ୍କର ବ୍ୟାପକ ରାଜସ୍ୱ ହାନୀ ହେବା କଥାକୁ ଅସ୍ୱୀକାର କରାଯାଇନପାରେ।



# ପୋଡ଼ିଗଲା ୫ବଖରା ଘର



**ରାମଚନ୍ଦ୍ରପୁର,୯।୬(ସମିସ):** ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତ ଅନ୍ତର୍ଗତ ପନାସିଆ ଆଦିବାସୀ ବସ୍ତିରେ ରବିବାର ମଧ୍ୟାହ୍ନରେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁ ନିଆଁ ଲାଗି ପାଞ୍ଚ ବଖରା ଘର ଜଳି ପୋଡି ଭସ୍ମୀଭୂତ ହୋଇ ଯାଇଛି। ସେପଟେ ନିଆଁ ତାଉରେ ଘରେ ଥିବା ଟଙ୍କା ସହ ଗହଣା, ଧାନ ଚାଉଳ ଏବଂ ଘରର ସମସ୍ତ ଆସବାପତ୍ର ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଘସିପୁରା ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ନିଆଁ ପ୍ରକୋପରେ ଗ୍ରାମର ସିପୁ ହୋ, କବି ହୋ, ମୁନା ହୋ, ଜଲେ ହୋଙ୍କ ଘର ସମ୍ପୂର୍ଣ୍ଣ ଭସ୍ମିଭୂତ ହୋଇ ଯାଇଥିବା ଜଣାପଡିଛି। ସମସ୍ତେ ନିହାତି ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବା ବେଳେ ପରଘରେ ମୂଲମଜୁରୀ କରି ପରିବାର ପୋଷଣ କରନ୍ତି। ସରକାରୀ ସ୍ତରରେ ସରଜମିନ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ପରିବାରଙ୍କୁ ତୂରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରାଛନ୍ତି।

# ଶିବବିବାହ ପାଇଁ ଚଳଚଞ୍ଚଳ ଉତ୍ତରେଶ୍ୱର



**ଆନନ୍ଦପୁର,୯।୬(ସମିସ):** ଆନନ୍ଦପୁର ସର୍ବପୁରାତନ ଶୈବ ପୀଠ ଉତ୍ତରେଶ୍ୱର ମନ୍ଦିରରେ ଶିବ ବିବାହ ପାଇଁ ଚଳଚଞ୍ଚଳ ହୋଇଉଠିଛି। ଶିବ ବିବାହ (ଶୀତଳଷଷ୍ଠୀ) ପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୋମବାର ୧୦ ତାରିଖରେ ଆନନ୍ଦପୁରର ଉତ୍ତରେଶ୍ୱର ମହେଶଙ୍କ ପୀଠରେ ଶିବ ବିବାହ ଉତ୍ସବ ଆଡମ୍ବର ସହକାରେ ପାଳନ ହେବା ପାଇଁ ସମସ୍ତ ପ୍ରସ୍ତୁତୀ ଶେଷ ହୋଇଛି। ଯଥା ରୀତିନୀତି ପୂର୍ବକ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଦେବ ଦମ୍ପତିଙ୍କ ଏହି ବିବାହ ଉତ୍ସବରେ ଯୋଗଦେଇ ଶ୍ରଦ୍ଧାଳୁମାନେ ଆଶୀର୍ବାଦ ଲାଭ କରିବାକୁ ଆୟୋଜକ କମିଟି ପକ୍ଷରୁ ନିମନ୍ତ୍ରଣ ବାର୍ତ୍ତା ପ୍ରଦାନ କରାଯାଇଛି।

# ବିଷ୍ଣୁପ୍ରିୟା ବାଳାଶ୍ରମରେ ବଉଳା ସାହିତ୍ୟ ସଂସଦ ଉତ୍ସବ



**ହାଟଡ଼ିହୀ,୯।୬(ସମିସ):** ହାଟଡିହୀ ବ୍ଲକ ଅନ୍ତର୍ଗତ ମଠାରେ ଗଢି ଉଠିଥିବା ବିଷ୍ଣୁପ୍ରିୟା ବାଳାଶ୍ରମରେ ଆଜି ବଉଳା ସାହିତ୍ୟ ସଂସଦର ୩୪ତମ ସାମ୍ବତ୍ସରିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଯ୍ୟାମୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଶିଶୁ ସାହିତ୍ୟିକ ରାମଚନ୍ଦ୍ର ନାୟକ ଯୋଗଦେଇ ସାହିତ୍ୟ ସଂସ୍କୃତି ବିଷୟରେ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ଭାବେ ହାଟଡିହୀ ବିଡିଓ ସୋମ୍ୟଶ୍ରୀ ପାଣିଗ୍ରାହୀ ଯୋଗଦେଇ ନିଜର ବକ୍ତବ୍ୟ ପ୍ରତିପାଦନ କରିଥିଲେ। ସମ୍ମାନିତ ଅତିଥିଭାବେ ରତ୍ନାକର ଦାସ, କୀର୍ତ୍ତନ ସାହୁ, ରମାକାନ୍ତ ନାୟକ, ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହିତ ବିଷ୍ଣୁପ୍ରିୟା ବାଳାଶ୍ରମର ସଭାପତି ବାଳକୃଷ୍ଣ ରାଉତ, ଉପସଭାପତି ଅମୂଲ୍ୟ କୁମାର ମିଶ୍ର ଓ ଗୌରାଙ୍ଗ ଚରଣ ଆଇଚ, ଉପ ସମ୍ପାଦକ ଅଧ୍ୟାପକ ଓ ବ୍ୟଙ୍ଗ ସାହିତ୍ୟିକ ସୁବାସ ଚନ୍ଦ୍ର ପାତ୍ର ଓ ସାଂସ୍କୃତିକ ସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅତିଥି ମାନଙ୍କୁ ଉତ୍ତରୀୟ ପ୍ରଦାନ କରିବା ପରେ କବିତା ପାଠ, ସାହିତ୍ୟ ଆଲୋଚନା, ମୁଖପତ୍ର ଲୋକାର୍ପଣ ଓ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଷ୍ଣୁପ୍ରିୟା ବାଳାଶ୍ରମର ସମ୍ପାଦକ ସୁରେନ୍ଦ୍ର କୁମାର ପରିଡାଙ୍କ ନେତୃତ୍ୱରେ ହୋଇଥିବା ବେଳେ କୋଷାଧକ୍ଷ ହରିହର ସାମଲ ପରିଚାଳନା କରିଥିଲେ। ଏମାନଙ୍କୁ କାର୍ଯ୍ୟନିର୍ବାହୀ ସଦସ୍ୟା ମାଳତୀ ଲତା ପଣ୍ଡା, ବିଦ୍ୟୁତ ପ୍ରଭା ଦେଓ, ନଳିନୀ ପ୍ରଭା ଘଡେଇ, ବିଜୟ କୁମାର ଜେନା, ଅନନ୍ତ ଚରଣ ମୁଦୁଲି, ସ୍ନେହଲତା ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ବିବେକାନନ୍ଦ କନ୍ୟାକୁମାରୀ ଶାଖା ତରଫରୁ ବ୍ୟକ୍ତିତ୍ୱ ବିକାଶ ଶିବିର

**କେନ୍ଦୁଝର,୯।୬(ସମିସ):** ବିବେକାନନ୍ଦ କନ୍ୟାକୁମାରୀ କେନ୍ଦୁଝର ଶାଖା ତରଫରୁ ଟେଲିଫୋନ ଏକ୍ସଚେଞ୍ଜ ଛକସ୍ଥିତ କେନ୍ଦୁଝରର ଅଗ୍ରଣୀ କୋଚିଂ ସେଣ୍ଟର ସାଇପ୍ରେରଣା ଅନୁଷ୍ଠାନରେ ବ୍ୟକ୍ତିତ୍ୱ ବିକାଶ ଶିବିର ଆଜି ଉଦ୍‌ଯାପିତ ହୋଇଯାଇଛି। ଜୁନ ୭ ତାରିଖ ଏହି ଶିବିର ଆରମ୍ଭ ହୋଇ ୯ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ୩ ଦିନ ବ୍ୟାପି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ପ୍ରାର୍ଥନା, ଯୋଗାସନ, ସୂର୍ଯ୍ୟ ନମସ୍କାର,ଗୀତା ପାଠ,ବିମର୍ଶ, ପ୍ରାଣାୟମ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିବେକାନନ୍ଦ କେନ୍ଦ୍ରର ବରିଷ୍ଠ କାର୍ଯ୍ୟକର୍ତ୍ତା ପୁରୁଷୋତ୍ତମ ସାହୁ, ପ୍ରଣବ ରାଉତରାୟ, କ୍ଷୀରୋଦ ଘଡେଇ, ଜଗବନ୍ଧୁ ମିଶ୍ର, କ୍ରିଷ୍ଣେନ୍ଦୁ ପଟ୍ଟନାୟକ, ମଧୁସୂଦନ ମିଶ୍ର, ପ୍ରକାଶ



ଆଚାର୍ଯ୍ୟ, ଜିତେନ୍ଦ୍ର ରାଠୋର, ନୃସିଂହ ଚରଣ ଧଳ, ବିଭୂତି ଭୂଷଣ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ଦିବସରେ 'ସ୍ୱାମୀ ବିବେକାନନ୍ଦଙ୍କ ବ୍ୟକ୍ତିତ୍ୱରୁ ଆମ ଚରିତ୍ର ଗଠନ' ଉପରେ ଅଧ୍ୟାପକ ପ୍ରକାଶ ଆଚାର୍ଯ୍ୟ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ତିମ ଦିନ ତଥା ଉଦ୍ୟାପନୀ ଦିବସରେ ଅଧ୍ୟାପକ ଜଗବନ୍ଧୁ ମିଶ୍ର 'ପରିବେଶ ଓ ଏହାର ସୁରକ୍ଷା ଉପରେ' ବକ୍ତବ୍ୟ ରଖିଥିଲେ। ବର୍ତ୍ତମାନ ପରିବେଶ ପ୍ରଦୂଷଣ ସମଗ୍ର ବିଶ୍ୱ ପାଇଁ ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି ବୋଲି କହିବା ସହ ବୃକ୍ଷରୋପଣ ହିଁ ପରିବେଶ ସୁରକ୍ଷା ଦେବା ସହ ପ୍ରଦୂଷଣମୁକ୍ତ ବିଶ୍ୱ ଗଠନ ଦିଗରେ ମୁଖ୍ୟ ମାଧ୍ୟମ ହେବ ବୋଲି ଶ୍ରୀ ମିଶ୍ର କହିଥିଲେ। ସାଇ ପ୍ରେରଣା କୋଚିଂ ସେଂଟର ମୁଖ୍ୟ ପରିଚାଳକ ସୁଶାନ୍ତ କୁମାର ବେହେରା ପରିବେଶର ସୁରକ୍ଷା କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ପରିବେଶ ସୁରକ୍ଷା ପାଇଁ ସାମୂହିକ ଉଦ୍ୟମର ଆବଶ୍ୟକତା ଥିଲେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସ୍ତରରେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଚଳିତ ବର୍ଷ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସିବିଏସ୍‌ଇ ଦଶମବୋର୍ଡ ପରୀକ୍ଷାରେ ଇସିତା ଭୂୟାଁ ୯୮.୮ ପ୍ରତିଶତ ଓ ସିବିଏସ୍‌ଇ ଯୁକ୍ତ ଦୁଇ ବିଜ୍ଞାନରେ ସୁଲଗ୍ନା ନାୟକ ୯୫.୮ ପ୍ରତିଶତ ନମ୍ବର ରଖି ଅନୁଷ୍ଠାନ ଓ ଜିଲ୍ଲାର ଗୌରବ ବୃଦ୍ଧି କରିଥିବାରୁ ସେମାନଙ୍କୁ ଅନୁଷ୍ଠାନ ତରଫରୁ ପୁଷ୍ପଗୁଚ୍ଛ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସାଇ ପ୍ରେରଣା କୋଚିଂ ସେଣ୍ଟର ମୁଖ୍ୟ ପରିଚାଳକ ସୁଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

■ ୩୭ ତମ ଷ୍ଟେଟ୍ ମହିଳା ଓ ପୁରୁଷ ହ୍ୟାଣ୍ଡବଲ ଚାମ୍ପିଅନସିପ୍

# ପୁରୁଷରେ କେନ୍ଦୁଝର, ମହିଳାରେ ଯାଜପୁର ଚାମ୍ପିଅନ୍





**କେନ୍ଦୁଝର, ୯।୬ (ସମିସ):** କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡ଼ିୟମ ଠାରେ ଶୁକ୍ରବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ମହିଳା ଓ ପୁରୁଷ ହ୍ୟାଣ୍ଡବଲ ଚାମ୍ପିଅନସିପର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷ ବର୍ଗରେ କେନ୍ଦୁଝର ଚାମ୍ପିଅନ ହୋଇଥିବାବେଳେ ମହିଳା ବର୍ଗରେ ଯାଜପୁର ଟିମ ଚାମ୍ପିଅନ ହୋଇଛି। ଟୁର୍ଣ୍ଣାମେଣ୍ଟ ଆରମ୍ଭର ପ୍ରଥମ ଦିନରେ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଶନିବାର ବିଳମ୍ବିତ ରାତି ଯାଏ ଖେଳ ହୋଇଥିଲା। କ୍ୱାଟର ଫାଇନାଲରେ କେନ୍ଦୁଝର ଜଗତସିଂପୁରକୁ ୨୧- ୭ ଗୋଲରେ, ଗଞ୍ଜାମ କଟକକୁ ୨୪-୧୬ ଗୋଲରେ, ଯାଜପୁର ଢେଙ୍କାନାଳକୁ ୧୬- ୮ ଗୋଲରେ ପୁରୀ ଭୁବନେଶ୍ୱରକୁ ୧୮-୧୨ ଗୋଲରେ ପରାସ୍ତ କରି ସେମିଫାଇନାଲକୁ ଯାଇଥିଲେ। ଯେଉଁଥିରେ କେନ୍ଦୁଝର ଗଞ୍ଜାମକୁ ୪୩-୨୭ ଗୋଲରେ ଓ ଯାଜପୁର ପୁରୀକୁ ୩୪- ୧୬ ଗୋଲରେ ହରାଇ ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲରେ କେନ୍ଦୁଝର ପୁରୁଷ ଦଳ ଯାଜପୁରକୁ ୨୫-୨୦ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି। ସେହିପରି ମହିଳା ବର୍ଗରେ ଯାଜପୁର ଜଗତସିଂହପୁରକୁ ୧୭ - ୮ ଗୋଲରେ, ଗଞ୍ଜାମ କେନ୍ଦୁଝରକୁ ୧୬- ୧୨ ଗୋଲ ରେ ପରାସ୍ତ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ଯାଜପୁର ମହିଳା ଦଳ ଗଞ୍ଜାମକୁ ୧୪- ୧୩ ଗୋଲରେ ପରାସ୍ତ କରି ଚାମ୍ପିଆନ ହୋଇଛି। ଏହି ମ୍ୟାଚକୁ ସନ୍ଦିପ ପାତ୍ର, ଦୀପକ ମହାନ୍ତୀ, ରାହିଲ ଖାନ, ରଶ୍ମୀରଞ୍ଜନ ଓଝା, ମନୋଜ କୁମାର ସାହୁ, ମନୋଜ କୁମାର ଜେନା, ପ୍ରକାଶ ପ୍ରଧାନ, ଜିତେନ୍ଦ୍ର ସାହୁ, ପ୍ରମୋଦ ପଟ୍ଟନାୟକ, ଆକାଶ ପଟ୍ଟନାୟକ ଖେଳକୁ ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକର ମୁଖ୍ୟଅତିଥି ଭାବେ ଓ କେନ୍ଦୁଝରଗଡ଼ ଚେୟାରମ୍ୟାନ ନିକୁ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେବା ସହ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ।




# ମାଟ୍ରିକ୍ ଉତ୍କର୍ଷ ସମ୍ମାନ-୨୦୨୪












## ଜିଲ୍ଲା ଟପ୍ପର ଛାତ୍ରଛାତ୍ରୀ ଏବଂ ଶ୍ରେଷ୍ଠ ଏ-୧ସ୍କୁଲର ଶିକ୍ଷକଙ୍କ ମୁହଁରୁ...



ଏହି କାର୍ଯ୍ୟକ୍ରମକୁ ଆସି ବହୁତ ଭଲ ଲାଗୁଛି। ବହୁତ ପରିଶ୍ରମ କରି ଆଜି ଏ ସ୍ଥାନରେ ପହଁଚିଛି। ଆଗକୁ ମୁଁ ଡାକ୍ତର ହେବାକୁ ଇଚ୍ଛା ରଖିଛି। ଡାକ୍ତର ହେଲେ ଗରିବ ଲୋକମାନଙ୍କୁ ସେବା କରିବା ପାଇଁ ଲକ୍ଷ୍ୟ ରଖିଛି। 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଏଭଳି କାର୍ଯ୍ୟକ୍ରମ ଅନ୍ୟ ପିଲାମାନଙ୍କୁ ଆଗାମୀ ଦିନରେ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।

**ଜ୍ୟୋତିକା ମହାପାତ୍ର, ମୟୂରଭଞ୍ଜ ଜିଲ୍ଲା ଟପ୍ପର**



ଆଗାମୀ ଦିନରେ ମୁଁ ଭଲ ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛି। ପରିଶ୍ରମର ଫଳ ମିଳିଛି ସେଥିପାଇଁ ଭଲ ଲାଗୁଛି। ତେବେ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇ ଥିବାରୁ ମୁଁ ନିଜକୁ ଖୁସି ମନେ କରୁଛି। 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଏହା ଏକ ଅଭିନବ ପ୍ରୟାସ। ଏହାଦ୍ୱାରା ଆମର ପ୍ରତିଭାକୁ ଆଗକୁ ବଢ଼ିବାରେ ସହାୟକ ହେବ ବୋଲି କହିଛନ୍ତି।

**ସୂର୍ଯ୍ୟସ୍ନାତ ସ୍ୱାଇଁ, ଭଦ୍ରକ ଜିଲ୍ଲା ଟପ୍ପର**



ଆଗାମୀ ଦିନରେ ଏହା ଠାରୁ ଅଧିକ ଭଲ ଫଳାଫଳ ଆମ ବିଦ୍ୟାଳୟରେ ନିଶ୍ଚିତ ଭାବେ ହେବ। ଏହାଦ୍ୱାରା ସମାଜ ଆଗରେ ଆମ ବିଦ୍ୟାଳୟ ଏକ ଭଲ ବିଦ୍ୟାଳୟ ହୋଇ ପାରିବ ବୋଲି ମୋର ଆଶା। 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଏହି କାର୍ଯ୍ୟକ୍ରମରେ ଆମ ବିଦ୍ୟାଳୟକୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିବାରୁ ଏହା ଆଗକୁ ଅଧିକ ପ୍ରେରଣା ଯୋଗାଇବ।

**ସୁଧୀର ମହାନ୍ତ, ପ୍ରଧାନ ଗୁରୁଜୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାରିପଦା**



ପ୍ରାୟତଃ ପିଲାମାନଙ୍କ ପାଇଁ ଗ୍ରୀଷ୍ମ ଛୁଟିରେ ସ୍ୱତନ୍ତ୍ର କ୍ଲାସ କରାଯାଇଥିଲା। ପୁଣି ବିଷୟ ଶେଷ ହେବା ପରେ ପରୀକ୍ଷା କରାଯାଇଥିଲା। ଶେଷ ପରୀକ୍ଷା ପରେ ପିଲାମାନଙ୍କୁ ଡାକି ମେଟ୍ରିକ ବୋର୍ଡ ପରୀକ୍ଷା ଅନୁସାରେ ପରୀକ୍ଷା କରାଯାଇଥିଲା। ଏଣୁ ପିଲାମାନଙ୍କ ପରିଶ୍ରମ ଫଳରେ ଆଜି ସ୍କୁଲ ଏହି ସଫଳତା ପାଇଛି। ଆଗାମୀ ଦିନରେ ଏହି ସମ୍ବର୍ଦ୍ଧନା ନିଶ୍ଚିତ ଭାବେ ଅଧିକ ଉତ୍ସାହିତ କରିବ।

**ଅଜୟ ଧୂପାଳ, ମଞ୍ଜୁଳା ମଞ୍ଜରୀ ଶିଶୁ ବିଦ୍ୟାମନ୍ଦିର, ଭଦ୍ରକ**



ପ୍ରତିବର୍ଷ ଅନେକ ପିଲା ଏ-୧ ଗ୍ରେଡ୍ ପାଆନ୍ତି କିନ୍ତୁ ସେମାନଙ୍କୁ ଲୋକ ଲୋଚନକୁ ଆଣିବା ପାଇଁ 'ସକାଳ'ର ଏହି ଅନନ୍ୟ ପ୍ରୟାସକୁ ନତମସ୍ତକ ହେଉଛି। ପ୍ରତିବର୍ଷ ଏହି ଉତ୍ସବ ଆୟୋଜନ ପୂର୍ବକ ଆପଣ ଛାତ୍ରଛାତ୍ରୀମାନଙ୍କୁ କେବଳ ସମ୍ବର୍ଦ୍ଧିତ କରିଛନ୍ତି ତା ନୁହେଁ ବରଂ ସେମାନଙ୍କ ମଧ୍ୟରେ ଦାୟିତ୍ୱବୋଧ ସୃଷ୍ଟି କରିଛନ୍ତି।

**ପ୍ରସନ୍ନ କୁମାର ମହାନ୍ତି, ଦେଭୋଗ ହାଇସ୍କୁଲ, ବାଲିଆପାଳ**

## ଜିଲ୍ଲା ଓ ବ୍ଲକ୍ ଟପ୍ପରଙ୍କ ସମେତ ସର୍ବାଧିକ ଏ-୧ ସ୍କୁଲକୁ ସମ୍ବର୍ଦ୍ଧନା

ବାଲେଶ୍ୱର, ୯।୬(ସମିସ): ବାଲେଶ୍ୱରରେ ଦୈନିକ ଖବର କାଗଜ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ଉତ୍ତର ଓଡ଼ିଶା ସଂସ୍କରଣରେ ମାଟ୍ରିକ ଉତ୍କର୍ଷ ସମ୍ମାନ୨୦୨୪ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାର ଟପ୍ପର ଛାତ୍ରଛାତ୍ରୀଙ୍କ ସମେତ ଏ-୧ସ୍କୁଲର ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ତିନୋଟି ଜିଲ୍ଲାର ଟପ୍ପର ଛାତ୍ରଛାତ୍ରୀମାନେ ହେଲେ ବାଲେଶ୍ୱର ଜିଲ୍ଲାର ଅନିମେଶ ପାତ୍ର, ଭଦ୍ରକ ଜିଲ୍ଲାର ସୂର୍ଯ୍ୟସ୍ନାତ ସ୍ୱାଇଁ ଏବଂ ମୟୂରଭଞ୍ଜ ଜିଲ୍ଲାର ଜ୍ୟୋତିକା ମହାପାତ୍ର ସମ୍ବର୍ଦ୍ଧିତ ହୋଇଛନ୍ତି। ଏହାସହ ବ୍ଲକ ଟପ୍ପର ଛାତ୍ରଛାତ୍ରୀମାନେ ହେଲେ, ବିଶ୍ୱଜିତ ପଣ୍ଡା, ପ୍ରତୀକ୍ଷା ଦେ, ଆୟୁଷୀ ପ୍ରିୟଦର୍ଶିନୀ ସାହୁ, ମାନସ କମିଳା, ସୁଶାନ୍ତ କୁମାର ବେହେରା, ଶୁଭସ୍ମିତା ପୃଷ୍ଟି, ଅନ୍ୱେଷା ଜେନା, ବିନୋଦ କୁମାର ବେହେରା, ଦେବସ୍ମିତା ପରମାଣିକ, ଜାହ୍ନବୀ ଭୂମିକା ଜେନା, ଗୁରୁଦ୍ୱୀପ ସ୍ୱର୍ଣ୍ଣଦୀପିକା ବାରିକ, ହର୍ଷିତା ଜେନା, ପ୍ରଜ୍ଞାଶ୍ରୀ ଦ୍ୱିବେଦୀ, ମୌସୁମୀ ମହାପାତ୍ର, ସ୍ମୃତିରେଖା ନାୟକ, ପୂର୍ଣ୍ଣିମା ବେହେରା, କିରଣବାଳା ସାହୁ, ଜାହ୍ନବୀ ବେହେରା, ପ୍ରୀତେଶ କୁମାର ପଣ୍ଡା, ଦିପ୍ତେଶ ସିଂ, ଦେବସ୍ମିତା ସି, ବିଶ୍ୱପତି ଭୂୟାଁ, ଶୁଭବ୍ରତ ନାୟକ, ଲିପିକା ରାଜ, ଆଶୁତୋଷ ଭୋଇ, ବାଦଲ ମୁର୍ମୁ, ତ୍ରୀଷ୍ଟା ପ୍ରହରାଜ, ବିଭୁରାଜ ରାଉତ, ସାଲଗେ ହାସଁଦା, ଭାଗ୍ୟସ୍ମିତା ଦେଓ, ମନସ୍ମିତା ପାତ୍ର, ଅନୁଷା ନାୟକ, ଆୟୁଷୀ ଅଭିଷ୍ପା ସେଠୀଙ୍କ ସମେତ ତିନୋଟି ଜିଲ୍ଲାର ବ୍ଲକ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ବାଲେଶ୍ୱରର ଏ-୧ ସ୍କୁଲ ଭାବେ ଦେ ଭୋଗ ହାଇସ୍କୁଲ, ବାଲିଆପାଳ, ଭଦ୍ରକ ଜିଲ୍ଲାର ଏ-୧ଭାବେ ମଞ୍ଜୁଳାମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏବଂ ମୟୂରଭଞ୍ଜ ଜିଲ୍ଲାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାରିପଦାକୁ ମଧ୍ୟ ସମ୍ମାନିତ କରାଯାଇଥିଲା।






## ପ୍ରାୟୋଜକଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର, ୯।୬(ସମିସ): 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ସ୍ଥାନୀୟ ବ୍ରିଟ୍ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ମେଟ୍ରିକ ଉତ୍କର୍ଷ ସମ୍ମାନ-୨୦୨୪ କାର୍ଯ୍ୟକ୍ରମରେ ପ୍ରାୟୋଜକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ରୁଚି ଫୁଡ ଲାଇନ, ଝାଡେଶ୍ୱର ହାୟର ସେକେଣ୍ଡାରୀ ସ୍କୁଲ, ଜୁପିଟର, ଟିପିଏନଓଡିଏଲ ପକ୍ଷରୁ ମାନବ ସମ୍ବଳ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ, ନିଷ୍ଠ ହାୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ହରିହର ରାଉତ, କଳିଙ୍ଗ ଟ୍ୟୁଟରିଆଲ ଓ ଗାନ୍ଧୀ ହାୟାର ସେକେଣ୍ଡାରୀ ସ୍କୁଲର ଚେୟାରମେନ ଓମ ପ୍ରକାଶ ମହାପାତ୍ର, ସୁଲଗ୍ନା ହାୟାର ସେକେଣ୍ଡାରୀ ସ୍କୁଲର ଜଗଦିଶ ସିଂହ, ସିଦ୍ଧି ବିନାୟକ ହାୟାର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ତଥା ସମ୍ପାଦକ ସୁମନ୍ତ କୁମାର ସାହୁ, ବାରିପଦା ଓ ବାଲେଶ୍ୱର ସ୍ଥିତ ପ୍ରୀନସ ହାୟାର ସେକେଣ୍ଡାରୀ ସ୍କୁଲର ବାଲେଶ୍ୱର ଅଧ୍ୟକ୍ଷା ବବିତା ବେହରା, ବାରିପଦାସ୍ଥିତ ଏସଭିଏମର ଅଧ୍ୟାପକ ଚିତରଞ୍ଜନ ରାଉତ, ଓମଫେଡର ବାଲେଶ୍ୱର ଅଧିକାରୀ ଅମର ସିଂ ପ୍ରମୁଖଙ୍କୁ ସ୍ୱତନ୍ତ୍ର ଭାବେ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।








### ଡିହିରିକୁଳ ଟସର ଲୁଗାର ଆଦର ସବୁଠି

# ମିଳୁନି ପ୍ରୋତ୍ସାହନ; ମୁହଁ ଫେରାଉଛନ୍ତି ଯୁବ ବୁଣାକାର

ଉଦଳା, ୯।୬(ସମିସ): କୌଣସି ପୂଜା ହେଉ କି ବିଭାଘର ହେଉ ସବୁଠି ଟସର ଲୁଗାର ଚାହିଦା ଅଧିକ। ଏକ ପାରମ୍ପରିକ ପରିଧାନର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ ରେସମର ଟସର ଲୁଗା। ଟସର ଲୁଗା ଆଧୁନିକତା ଯୁଗ ମଧ୍ୟରେ ହଜିବାକୁ ବସିଥିଲେ ହେଁ ହାତବୁଣା ଟସର ଲୁଗାର ଚାହିଦା ବହୁତ ରହିଛି। ଚାହିଦା ସତ୍ତ୍ୱେ କାଁ ଭାଁ କେତୋଟି ହାତ ଗଣତି ସ୍ଥାନରେ ଏବେ ହାତବୁଣା ବି ଟସର ଲୁଗା ପରମ୍ପରା ଦେଖିବାକୁ ମିଳେ। ସେଥିମଧ୍ୟରୁ ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଡିହିରାକୁଳ ଗ୍ରାମର ଟସର ଲୁଗା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ଚାହିଦା ରହିଛି। ଡିହିରାକୁଳ ତନ୍ତୁବାୟ ସହଯାଗ ସମିତି ଦ୍ୱାରା ଆଜି ବି ଟସର ଲୁଗା ହାତରେ ବୁଣି ଚାହିଦାକୁ ପୂରଣ କରାଯାଉଛି। ଗତ ୧୯୫୫ ମସିହାରେ ଗଠିତ ଏହି ତନ୍ତୁବାୟ ସମିତିରେ ଏବେ ବି ୧୮୯ ଜଣ ପୁରୁଷ, ମହିଳା ବୁଣାକାର ରହିଥିବା ବେଳେ ୮୫ ଜଣ ବୁଣାକାରଭାବେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ରେଶମ ନିଗମ ଦ୍ୱାରା ଅନୁବନ୍ଧିତ ଥିବା ଏହି ସମିତିରେ ବୁଣାକାରମାନେ ଟସର ଲୁଗା ବୁଣି ନିଜର ପରିବାର ପ୍ରତି ପୋଷଣ କରୁଛନ୍ତି। ବିଷେଶ କରି ମହିଳାମାନେ ରେଲିଂ ସୂତା ଓ ଘେଚା ସୂତା କାଟୁଥିବା ବେଳେ ପୁରୁଷମାନେ ଲୁଗା ବୁଣିଥାନ୍ତି। ମହିଳାମାନେ ରେଲିଂ ସୂତା କାଟି ଦୈନିକ ୭୦ରୁ ୧୦୦ ଟଙ୍କା ରୋଜଗାର କରୁଥିବା ବେଳେ ପୁରୁଷ ବୁଣାକାରମାନେ ଦୈନିକ ୨୫୦ରୁ ୫୦୦/୬୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିଥାନ୍ତି। ବିଷେଶ କରି ବୁଡାକୁମ୍ଭ ଟସର ଶାଢୀ, କଣ୍ଠିଆ ଚଦର, ସାର୍ଟ କପଡ଼ା, ଧୋତି ଯୋଡ ଆଦି ବୁଣା ହେଉଥିବା ବେଳେ ଟସରର ବୁଡାକୁମ୍ଭ ଶାଢୀ ଓ ଧୋତିଯୋଡର ଚାହିଦା ବହୁ ଅଧିକ ରହିଛି। ଟସରର ଲୁଗାର ଦାମ ୧୦୦୦ରୁ ଆରମ୍ଭ ହୋଇ ୫୦ ହଜାର ପର୍ଯ୍ୟନ୍ତ ରହିଥିବା ବେଳେ ବୁଣାକାରଙ୍କ ପ୍ରାପ୍ୟ କିନ୍ତୁ ବହୁ କମ୍। ଏକ ବୁଡାକୁମ୍ଭ ଟସର ଶାଢୀର ମୂଲ୍ୟ ୧୫ ହଜାରରୁ ୨୫ ହଜାର ଟଙ୍କା ରହିଛି। ଏହି ଶାଢୀକୁ ବୁଣିବାକୁ ବୁଣାକାରଙ୍କୁ ୪ଦିନ ସମୟ ଲାଗେ। ହେଲେ ଦୁଇଜଣ ବୁଣାକାର ୩୫୦୦ ଟଙ୍କା ପାଇଥାନ୍ତି। ଯାହାକି ପରିବାର ପ୍ରତିପୋଷଣରେ ସହାୟକ ହେଉନଥିବା ଦୁଃଖର ସହ କହିଛନ୍ତି ବୁଣାକାର। ସେହିପରି ରେଲିଂ ସୂତାରେ ୩ରୁ ୫ଘଣ୍ଟା ଦେଉଥିବା ବେଳେ ମାତ୍ର ୭୦ରୁ ୧୦୦ ଟଙ୍କା ରୋଜଗାର କରିଥାନ୍ତି ବୋଲି ମହିଳା ବୁଣାକାର। ଯାହାକି ପରିବାର ଚଳାଇବାରେ ଅସମ୍ଭବ ବୋଲି ବହୁ ମହିଳା ବୁଣାକାର ପ୍ରକାଶ କରିଛନ୍ତି। ଏହି ସମିତି ସରକାରଙ୍କ ଦୃଷ୍ଟିରେ ରହିଥିଲେ ହେଁ ବୁଣାକାରମାନଙ୍କୁ ଅଣଦେଖା କରାଯାଉଛି ବୋଲି କହିଛନ୍ତି। ତେବେ ତନ୍ତୁବାୟ ସହେଯାଗ ସମିତ ସରକାରଙ୍କ ପ୍ରୋତ୍ସାହନରେ ଚାଲିଥିବା କହିଥିବା ବେଳେ ଅଧିକ ସହାୟତା ହେଲେ ଅଧିକ ରୋଜଗାର ବଢ଼ିବା ସହ ଉତ୍ପାଦନ ଅଧିକ ହେବାସହ ଚାହିଦା ପୂରଣ ହୋଇପାରନ୍ତା। ସେହିପରି ଏହି ତନ୍ତୁବାୟ ସମିତିର ପୁନରୁଦ୍ଧାର ପାଇଁ ସରକାର କିମ୍ବା ରେଶମ ନିଗର ସେଭଳି ଆଖିଦୃଶିଆ ପଦକ୍ଷେପ ଲକ୍ଷ୍ୟ କରାଯାଉନାହିଁ। କେବଳ ଏକ ଔପଚାରିକତା ଢଙ୍ଗରେ ଏଭଳି ପାରମ୍ପରିକ ତନ୍ତଶିଳ୍ପର ପରିଚାଳନା ଚାଲିଥିବା ଦେଖାଯାଉଛି। ସରକାରୀସ୍ତରରେ ଯଦି ଏହି ଶିଳ୍ପକୁ ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ଯୋଜନା ଓ ବୁଣାକାରଙ୍କ ପାଇଁ ସ୍ଥାୟୀ ରୋଜଗାରର ବ୍ୟବସ୍ଥା କରା ନ କରାଯାଏ ତେବେ ଟସରର ଚାହିଦା ଇତିହାସ ହୋଇ ରହିଯିବ ଏଥିରେ ଦ୍ୱିମତ ନାହିଁ।



## ଖୁଣ୍ଟିଂରେ କାଳବୈଶାଖୀ; ବ୍ୟାପକ କ୍ଷୟକ୍ଷତି



ଖୁଣ୍ଟିଂ, ୯।୬(ସମିସ): ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଶନିବାର ଅପରାହ୍ନରେ ଶୁକ୍ଳି ବ୍ଲକ ଅନ୍ତର୍ଗତ ଖୁଣ୍ଟିଂ, ଉତ୍ତରପୋଷି, କେଶନା ଆଦି ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା ହେବା ସହିତ ବ୍ୟାପକ କ୍ଷତି ଘଟିଛି। ଅପରାହ୍ନ ୪ ଘଟିକା ସମୟରେ ହଠାତ ପାଗ ପରିବର୍ତ୍ତନ ହୋଇ ଆକାଶ ମେଘାଛନ୍ନ ହୋଇଯାଇଥିଲା। ବିଜୁଳି ଘଡଘଡି ସହ ବର୍ଷା ସାଙ୍ଗକୁ ପ୍ରାୟ ୬୦ରୁ ୭୦ କି.ମି ବେଗରେ ପବନ ବୋହିବାରୁ ବହୁ ଗଛ ଉପୁଡିବା ବିଭିନ୍ନ ଘର ଉପରେ ପଡ଼ିଥିବା ଦେଖାଯାଇଛି। ଏପରିକି ଅନେକ ସ୍ଥାନରେ ବିଦ୍ୟୁତ ତାର ଛିଣ୍ଡିବା ଯୋଗୁଁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାମ ଚାଲୁଥିବା ଦେଖିବାକୁ ମିଳିଥିଲା।

## ଚିତ୍ତରଞ୍ଜନ ପତି ଫାଉଣ୍ଡେସନ ତରଫରୁ ସଫେଇ

ବାରିପଦା, ୯।୬(ସମିସ): କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚିତ୍ତରଞ୍ଜନ ପତି ଫାଉଣ୍ଡେସନ ତରଫରୁ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେସନର ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପାଉଣ୍ଡେସନର ଆବାହକ ଡ ମନତୋଷ କୁମାର ପତି ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ପାଉଣ୍ଡେସନର ଏହି ମହତ କାର୍ଯ୍ୟ ପାଇଁ କୃତଜ୍ଞତା ବ୍ୟକ୍ତ କରିବା ସହ ଆଗାମୀ ଦିନରେ ବିଦ୍ୟାଳରେ ବ୍ୟାପକ ବୃକ୍ଷରୋପଣ ଓ ସୁରକ୍ଷା ପାଇଁ ଫାଉଣ୍ଡେସନକୁ ଅନୁରୋଧ କରିଛନ୍ତି। ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରୀ, ଶିକ୍ଷକ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ପଦୋନ୍ନତି ପାଇଁ ଠକେଇ ଅଭିଯୋଗ ଭିତ୍ତିହୀନ

## ଷଡ଼ଯନ୍ତ୍ର କରି ବିଜେଡି ନେତାଙ୍କୁ ବଦନାମ କରିବାକୁ ଉଦ୍ୟମ

ରାଇରଙ୍ଗପୁର, ୯।୬(ସମିସ): ରାଜନୈତିକ ଷଡ଼ଯନ୍ତ୍ର କରି ଛବିକୁ ବଦନାମ କରିବା ଉଦ୍ଦେଶ୍ୟରେ ପଦୋନ୍ନତି ପାଇଁ ଠକେଇ କରିଥିବା ଅଭିଯୋଗ ଭିତ୍ତିହୀନ। ଏହାର ବିଧିବଦ୍ଧ ତଦନ୍ତ କରାଯାଉ ବୋଲି ବିଜେଡି ନେତା ରତିକାନ୍ତ ପରୀକ୍ଷା ନିଜ ପ୍ରତିକ୍ରିୟାରେ କହିଛନ୍ତି। ଶୁକ୍ରବାର କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମରେ ତାଙ୍କ ନାମରେ ଜଣେ ସରକାରୀ ଡାକ୍ତର ରାଇରଙ୍ଗପୁର ଟାଉନ ଥାନାରେ ଏତଲା ଦେଇଥିବା ଖବର ସମ୍ପର୍କରେ ସୂଚନା ପାଇଥିଲେ। ଏହା ସମ୍ପୂର୍ଣ୍ଣ ରାଜନୈତିକ ଷଡ଼ଯନ୍ତ୍ର। କିଛି ନିର୍ଦ୍ଦିଷ୍ଟ ଲୋକଙ୍କ କଥାରେ ସେ ପରିଚାଳିତ ହୋଇ ତାଙ୍କୁ ବଦନାମ କରିବାକୁ ଏକ ଷଡ଼ଯନ୍ତ୍ର କରାଯାଇଛି। ଜଣେ ସରକାରୀ ଡାକ୍ତର ପ୍ରମୋସନ ପାଇଁ ୧୭ ଲକ୍ଷ ଟଙ୍କା ଦେଦବା କଥା ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଏହାର ତଦନ୍ତ ହେବାର ଆବଶ୍ୟକତା ରହିଛି। ଏହି ଘଟଣାରେ ସେ ପୁଲିସକୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଛନ୍ତି। ଏହା ତାଙ୍କ ସହିତ ସମ୍ପୂର୍ଣ୍ଣ ପରିବାରକୁ ବଦନାମ କରିବା ପାଇଁ ବଡ ଷଡ଼ଯନ୍ତ୍ର ରଚା ଯାଇଛି। ସେଥିପାଇଁ ଶୀଘ୍ର ଆଇନ ଅନୁଯାୟୀ ପଦକ୍ଷେପ ନେବେ ବୋଲି କହିଛନ୍ତି। ସୂଚନା ଅନୁସାରେ ଡାକ୍ତର ସାଗର ଚନ୍ଦ୍ର ନାଏକ ଗତ ୨୦୧୮ ମସିହାରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ବରିଷ୍ଠ ଭେଷକ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ। ଏହା ପରେ ସେ ଭାରପ୍ରାପ୍ତ ଏସଡିଏମଓ ଭାବେ କାର୍ଯ୍ୟରତ ଥିଲେ। କିଛି ଦିନ ପରେ ତାଙ୍କ ପରିଚୟ ବରିଷ୍ଠ ରତିକାନ୍ତ ପରୀକ୍ଷା ସହିତ ହୋଇଥିଲା। ପରବର୍ତ୍ତୀ ସମୟରେ ଡାକ୍ତର ସାଗର ଚନ୍ଦ୍ର ନିଜ ପଦୋନ୍ନତି ପାଇଁ ତାଙ୍କୁ କହିଥିଲେ। ଏ ବାବଦକୁ ୨୦ ଲକ୍ଷ ଟଙ୍କା ମାଗିବା ପରେ ଡାକ୍ତର ଗାରଚନ୍ଦ୍ର ନାଏକ ବିଜେଡି ନେତାଙ୍କୁ ୧୭ ଲକ୍ଷ ଟଙ୍କା ଦୁଇ କିସ୍ତିରେ ଦେଇଥିଲେ ବୋଲି ରାଇରଙ୍ଗପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଟାଉନ ଥାନା ପୁଲିସ ଘଟଣାକୁ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି।

## ପୂର୍ବତନ ସରପଞ୍ଚଙ୍କ ବିୟୋଗ

କପ୍ତିପଦା, ୯।୬(ସମିସ): କପ୍ତିପଦା ବ୍ଲକ ଲାବଣ୍ୟଦେଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତୁରାମ ସିଂଙ୍କ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ସେ ଜଣେ କୃତୀ ଶିକ୍ଷକ ଭାବେ ଖ୍ୟାତି ଅର୍ଜନ କରିଥିଲେ। ଗତ ୧୯୯୨ ମସିହାରେ ଚାକିରିରୁ ଅବସର ନେଇ ସେ ଜନତା ଦଳରେ ଯୋଗଦେଇ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ପରେ ଗତ ୧୯୯୬ରେ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ସମୟରେ ଆଦିବାସୀ ଅଞ୍ଚଳରେ ଅନେକ ସଂସ୍କାର ଓ ଜନହିତକାରୀ କାର୍ଯ୍ୟକ୍ରମ କରି



ଲୋକପ୍ରିୟତା ଅର୍ଜନ କରିଥିଲେ। ତାଙ୍କର ମୃତ୍ୟୁ ଖବର ପାଇ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁଙ୍କ ସମେତ ବହୁ ରାଜନେତା, ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ଶୋକ ପ୍ରକାଶ କରିଛନ୍ତି।

## ଅଂଶୁଘାତରେ ବୃଦ୍ଧାଙ୍କ ମୃତ୍ୟୁ

ରାଇରଙ୍ଗପୁର, ୯।୬(ସମିସ): କୁସମୀ ବ୍ଲକ ଅଞ୍ଚଳ ଶ୍ୟାମସୁନ୍ଦର ଗାଁର ବୃଦ୍ଧା କାର୍ମି ହେମ୍ବ୍ରମ (୬୦) ଗାଁ ନିକଟ ଡୁଙ୍ଗୁରିକୁ ଯାଇଥିବାବେଳେ ପ୍ରବଳ ଗ୍ରୀଷ୍ମରେ ଟଳି ପଡ଼ିଥିଲେ। ପରେ ପରିବାର ଲୋକେ ତାଙ୍କୁ ତୁରନ୍ତ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ ଅଂଶୁଘାତରେ ମୃତ୍ୟୁ ଘଟିଥିବା ସୂଚନା ଦିଆଯାଇଛି। ଏଥିସହିତ ପରିବାର ପକ୍ଷରୁ କ୍ଷତିପୂରଣ ପାଇଁ ଦାବି ହୋଇଛି। ଟାଉନ ଥାନା ପୁଲିସ ଘଟଣାର ଅଧିକ ତଦନ୍ତ କରୁଛି।

## ଦୁଇ ବାଇକ୍ ମୁହାଁମୁହିଁ; ଜଣେ ଆହତ

ବାରିପଦା, ୯।୬(ସମିସ): ମଞ୍ଚାବନ୍ଧାଠାରେ ରବିବାର ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବାଇକ ଆରୋହୀ ଆହତ ହୋଇଛନ୍ତି। ଆହତ ଜଣକ ହେଲେ କଟକ ଜିଲ୍ଲାର ବାରଙ୍ଗ ଥାନା ଅନ୍ତର୍ଗତ ଧଡ଼ାପାଟଣା ଅଞ୍ଚଳର ଅମୂଲ୍ୟ ମହାରଣା। ସୂଚନା ଅନୁଯାୟୀ, ବାରିପଦା ସଦର ଥାନା ଅନ୍ତର୍ଗତ ମଞ୍ଚାବନ୍ଧାଠାରେ ଅମୂଲ୍ୟ ରହି ଫରେଷ୍ଟ ବିଭାଗରେ ଠିକାଦାର କାର୍ଯ୍ୟ କରୁଥିଲେ। ତେବେ ସେ କାର୍ଯ୍ୟସ୍ଥଳ ନିକଟକୁ ବାଇକ ଯୋଗେ ଯାଉଥିବା ବେଳେ ମଞ୍ଚାବନ୍ଧାଠାରେ ସମ୍ମୁଖ ପଟରୁ ଭୁଲ ପାର୍ଶ୍ୱରୁ ଜଣେ ବାଇକ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ପଡ଼ି ଯିବାରୁ ତାଙ୍କ ଗୋଡରେ ଜୋରରେ ଆଘାତ ଲାଗିଥିଲା। ବାରିପଦା ପିଆରଏମ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୋଗକ୍ରମେ ବାରିପଦା ସଦର ଥାନାରେ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

## ବାବା ଚିତ୍ରେଶ୍ୱର ସ୍ୱଚ୍ଛସେବା ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ସଭା

ମୋରଡ଼ା, ୯।୬(ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ ଚିତ୍ରଡା ବଜାରରେ ଥିବା ବାବା ଚିତ୍ରେଶ୍ୱର ସ୍ୱଚ୍ଛସେବା ସଙ୍ଗଠନ ତରଫରୁ ଜବାହାର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରି ୫୪୨ ନମ୍ବର ରଖି ବିଦ୍ୟାଳୟର ମାଟ୍ରିକ ଟପ୍ପର ଗଣପତି ମହାନ୍ତଙ୍କୁ ମାନପତ୍ର ସହିତ କିଛି ଆର୍ଥିକ ଅନୁଦାନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ସଂଗଠନର ସଭାପତି ସୁଚାରୁ ରଣା ଏବଂ ସମ୍ପାଦକ ସୁଦାମା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର



ମହାନ୍ତ, ନରେନ୍ଦ୍ର ମହାନ୍ତ, କ୍ଷିରୋଦ ଚନ୍ଦ୍ର ମହାନ୍ତ, ଲକ୍ଷଣ ମହାନ୍ତ, ରାଧାନାଥ ମହାନ୍ତ, ଅଜୟ କୁମାର ପାଲ, କମଳଲୋଚନ ମହାନ୍ତ ଉପସ୍ଥିତ ଥିଲେ। ସଭ୍ୟ ହୃଦାନନ୍ଦ ମହାନ୍ତ କାର୍ଯ୍ୟକ୍ରମ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗଠନର ସଦସ୍ୟ ସନ୍ତୋଷ ବଡ଼ମାଝୀ, ଡାକ୍ତର ସେଠୀ, ଅବିନାଶ ବେହେରା, ଚନ୍ଦନ ବେହେରା, ଗଣେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅଡିଟ୍ କରିବାକୁ ଆସି ହଟହଟା ହେଲେ ଦୁଇ କର୍ମଚାରୀ

କୁଆମରା, ୯।୬(ସମିସ): ମିଶନ ଶକ୍ତି ପକ୍ଷରୁ ନିଯୁକ୍ତି ପାଇଥିବା ଦୁଇ ଜଣ ମହିଳା ପଞ୍ଚାୟତ କାର୍ଯ୍ୟାଳୟକୁ ଅଡିଟ କରିବାକୁ ଆସି ହଟହଟା ହୋଇଥିବା ଜଣାପଡ଼ିଛି। ଗତ ୨୦୨୩ରେ ଗୋପବନ୍ଧୁ ନଗର ବ୍ଲକ ଜୟପୁର ପଞ୍ଚାୟତର ଏନଆରଜିଏସ୍ ଓ ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବାକୁ ଶନିବାର ପୂର୍ବାହ୍ନରେ ମିଶନ ଶକ୍ତି ପକ୍ଷରୁ ଦୁଇ ଜଣ ମହିଳା ପଞ୍ଚାୟତରେ ପହଞ୍ଚି ଥିଲେ। ତେବେ ଅଡିଟ୍ ସମୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ସରପଞ୍ଚ ଅନୁପସ୍ଥିତ ଥିବା ବେଳେ ପଞ୍ଚାୟତର ଚତୁର୍ଥ କର୍ମଚାରୀ ମାଧ୍ୟମରେ ପୂର୍ବ ରେକର୍ଡପତ୍ରକୁ ଯାଞ୍ଚ କରିବା ଆରମ୍ଭ କରିଥିଲେ; ହେଲେ ଅଞ୍ଚଳର କିଛି ଯୁବ ନେତା ପହଞ୍ଚି ମାସର ଦ୍ୱିତୀୟ ଶନିବାର ଓ ରବିବାର ସରକାରୀ ଛୁଟି ଦିନରେ କାହିଁକି ଅଡିଟ୍ ହେବ ବୋଲି କହି ବିରୋଧ କରିଥିଲେ। ପରେ ଅଡିଟ୍‌କୁ ବନ୍ଦ କରିବାକୁ ଦାବି କରିଥିଲେ। ତେବେ ସପ୍ତାହ ମଧ୍ୟରେ ଆମକୁ ସମସ୍ତ ପଞ୍ଚାୟତର ଅଡିଟ କାର୍ଯ୍ୟ ସାରିବାକୁ ବିଡିଓଙ୍କ ନିର୍ଦ୍ଦେଶ ରହିଛି ବୋଲି ସେମାନେ କହିଥିଲେ ମଧ୍ୟ ତାହାକୁ ସହଜରେ ଗ୍ରହଣ କରି ନଥିଲେ ଯୁବ ଗୋଷ୍ଠୀ। ଏ ନେଇ ଉଭୟଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ହେବା ପରେ ଶେଷରେ ଅଡିଟ ବନ୍ଦ କରିଦେଇଥିଲେ। ପରେ ବିଡିଓଙ୍କ ସହ ଯୋଗାଯୋଗ କରିବାରୁ ନିର୍ବାଚନ ପାଇଁ ଓଡିଟ୍ ପଛେଇ ଯାଇଥିଲା। ତେବେ ସମୟ ଅଭାବରୁ ସପ୍ତାହ ମଧ୍ୟରେ ଓଡିଟ୍ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ବିଡିଓ କରୁଣାକର ଧିଦା କହିଥିଲେ।

## ଅଜଣା ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

ବାରିପଦା, ୯।୬(ସମିସ): ଜାତୀୟ ରାଜପଥରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ସ୍ୱରୂପଭିଲା ଅଞ୍ଚଳର ମଞ୍ଜୁଳା ପାତ୍ର (୬୦)। ବାରିପଦା ସଦର ଥାନା ଅନ୍ତର୍ଗତ ମଞ୍ଚାବନ୍ଧାଠାରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହେବାରୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ବାରିପଦା ସଦର ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।

## ବଧୂ ନିର୍ଯାତନା ଅଭିଯୋଗ; ସ୍ୱାମୀ, ଶାଶୂ ଓ ଦିଅର ନାଁରେ ମାମଲା

ବାରିପଦା, ୯।୬(ସମିସ): ଶାଶୂଘର ଲୋକେ ଜଣେ ବଧୂଙ୍କୁ ନିର୍ଯାତନା ଦେବା ସହିତ ଗର୍ଭ ନଷ୍ଟ କରିବାକୁ ଉଦ୍ୟମ କରିବା ନେଇ ଅଭିଯୋଗ ହୋଇଛି। ଏ ନେଇ ହଦହଦୀ ଅଞ୍ଚଳର ଯମୁନା ସୋରେନ ବାରିପଦା ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଯମୁନା ଗତ ୪ବର୍ଷ ପୂର୍ବେ ସ୍ଥାନୀୟ ଅଞ୍ଚଳର ସାର୍ଜେନ ହେମ୍ବ୍ରମ ଭଲ ପାଇ ହିନ୍ଦୁ ରୀତିନୀତି ଅନୁଯାୟୀ ବିବାହ କରିଥିଲେ। ବିବାହ ପରେ ତାଙ୍କ ଶାଶୂଘର ଲୋକେ ତାଙ୍କୁ ନିର୍ଯାତନା ଦେଇଥିଲେ। ସ୍ୱାମୀ ସାର୍ଜେନ ହେମ୍ବ୍ରମ, ଶାଶୂ ଓ ଦିଅର ମିଶି ବାରମ୍ବାର ମାରଧର ବି କରୁଥିଲେ। ଏ ସମ୍ପର୍କରେ ଯମୁନାଙ୍କ ଘର ଲୋକ ଜାଣିବା ପରେ ତାଙ୍କ ଶାଶୂ ଘରକୁ ଯାଇ ସମାଧାନ ନିମନ୍ତେ ଆଲୋଚନା କରିଥିଲେ। ହେଲେ କୋଣସି ସମାଧାନ ହୋଇ ନ ଥିଲା। ଏହା ପରେ ଯମୁନା ଗର୍ଭବତୀ ଥିବା ନେଇ ଶାଶୂଘର ଲୋକେ ଜାଣିବା ପରେ ଗର୍ଭ ନଷ୍ଟ କରିବା ପାଇଁ ବାଧ କରିଥିଲେ। ସ୍ୱାମୀ ଓ ଶାଶୂ ଘର ଲୋକେ ମିଶି ପୁଣି ନିର୍ଯାତନା ଦେଉଥିଲେ। ଏପରିକି ଗର୍ଭ ନଷ୍ଟ କରିବା ପାଇଁ ତାଙ୍କୁ ଔଷଧ ଖାଇବାକୁ ଦେଇଥିଲେ। କିନ୍ତୁ ସେ ଔଷଧ ନ ଖାଇବାରୁ ମାରଧର କରିଥିଲେ। ପରେ ସେ ବାପଘରକୁ ଆସି ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ସ୍ୱାମୀ, ଶାଶୂ ଏବଂ ଦିଅର ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ନିଟ୍ ପରୀକ୍ଷାରେ ଛାତ୍ରୀଙ୍କ କୃତିତ୍ୱ

କପ୍ତିପଦା, ୯।୬(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ବଡଖଲାଡି ଗ୍ରାମର ସ୍ୱର୍ଗତ ବ୍ରହ୍ମାନନ୍ଦ ବେହେରା ଓ ମାତା



ପାର୍ବତୀ ବେହେରାଙ୍କ ସୁପୁତ୍ରି ପ୍ରାଚୀପ୍ରଜ୍ଞା ବେହେରା ନିଟ ପରୀକ୍ଷାରେ ୬୫୬ ନମ୍ବର ମାର୍କ ରଖି ଡାକ୍ତରୀ ପଢ଼ିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେ ୨୦୧୯ ମସିହାରେ ମାଟ୍ରିକ ପରୀକ୍ଷାରେ ୫୪୯ ନମ୍ବର ରଖିଥିଲେ। ସେ ଯାଜପୁର ସ୍ଥିତ ପ୍ରୟାସ କ୍ଲାସେସରେ କୋଚିଂ କରି ଏହି ସଫଳତା ପାଇଛନ୍ତି। ଅଲଇଣ୍ଡିଆ ନିଟ ପରୀକ୍ଷାରେ ୨୪୧୧୬ ର୍‌ୟାଙ୍କ ରହିଛି। ତାଙ୍କର ଏହି ସଫଳତା ପାଇଁ ସେ ମା' ଓ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ପିଲା ଦିନରୁ ବାପାଙ୍କୁ ହରାଇ ଥିବା ବେଳେ ମା'ଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ଏହି ସଫଳତା ପାଇଛନ୍ତି ବୋଲି କହିଛନ୍ତି।

# ବିଭିନ୍ନ ସ୍ଥାନରେ ବିର୍ସା ମୁଣ୍ଡାଙ୍କ ୧୨୪ତମ ସହୀଦ ଦିବସ ପାଳିତ




ଖୁଣ୍ଟିଂ, ୯।୬(ସମିସ): ବ୍ରିଟିଶ ବିରୋଧୀ ଆନ୍ଦୋଳନର ମହାନ ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ୧୨୪ତମ ଶହୀଦ ଦିବସ ଶୁକ୍ଳି ବ୍ଲକର ହାତିବନ୍ଧା ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଜି ପାଳିତ ହୋଇଯାଇଛି। ୧୯୦୦ ମସିହା ଜୁନ୍ ୯ତାରିଖ ତାଙ୍କୁ ରାଞ୍ଚି ଜେଲ୍‌ରେ ବିଷ ଦେଇ ହତ୍ୟା କରାଯାଇଥିଲା। ଦେଶର ସଭ୍ୟ-ଶିକ୍ଷିତ ଜଗତ ଦ୍ୱାରା ବ୍ରିଟିଶ ବିରୋଧୀ ଆନ୍ଦୋଳନ ଆରମ୍ଭ ହେବାର ପ୍ରାୟ ୨୫ ବର୍ଷ ପୂର୍ବରୁ ବିର୍ସାମୁଣ୍ଡା ୨୫ ବର୍ଷ ବୟସରେ ଛୋଟନାଗପୁର ଅଞ୍ଚଳର ମୁଣ୍ଡା-ସାନ୍ତାଳ ଆଦିବାସୀଙ୍କୁ ହଜାର ହଜାର ସଂଖ୍ୟାରେ ସଂଗଠିତ କରିଥିଲେ। ପରେ ଅତ୍ୟାଚାରୀ ବ୍ରିଟିଶ ପୁଲିସ, ଜଙ୍ଗଲ ଅଧିକାରୀ, ଜମିଦାର, ସାହୁକାର ଆଦିଙ୍କ ବିରୋଧରେ ଖୋଲାଖୋଲି ଯୁଦ୍ଧ ଘୋଷଣା କରିବା ସଙ୍ଗେ ସଙ୍ଗେ ନିଶା ଓ ଅନ୍ୟାନ୍ୟ ସାମାଜିକ ବ୍ୟାଧି ବିରୋଧରେ ଲଢେଇ କରିଥିଲେ। ଏହି ଆନ୍ଦୋଳନ ଭିତରେ ସେ ଆଦିବାସୀମାନଙ୍କ ଦ୍ୱାରା 'ଭଗବାନ ବିର୍ସା' ନାମରେ ଆଖ୍ୟାୟିତ ହୋଇଥିଲେ। ଏହି ଆନ୍ଦୋଳନର ଶେଷ ଲଢେଇ ଭାବେ ବ୍ରିଟିଶ ପୁଲିସ ସହ ମୁହାଁମୁହିଁ ଲଢେଇରେ ପ୍ରାୟ ଦୁଇଶହ ଆଦିବାସୀଙ୍କ ମୃତ୍ୟୁ ହୋଇଥିଲା। ବିର୍ସାମୁଣ୍ଡା ଜେଲରେ ଥିଲାବେଳେ ତାଙ୍କୁ 'ଆରସାନିକ' ନାମକ ବିଷ ଦେଇ ହତ୍ୟା କରାଯାଇଥିଲା। ଆଦିବାସୀ, ଦଳିତ, ନିର୍ଯାତିତ ଜନଗଣଙ୍କ ମୁକ୍ତି ପାଇଁ ଭଗବାନ ବିର୍ସାଙ୍କ ନେତୃତ୍ୱରେ ପରିଚାଳିତ ଶାଣିତ ମୁଣ୍ଡା ବିଦ୍ରୋହର ଘଟଣାବଳୀ ଓ ତାଙ୍କର ପ୍ରାଣବଳୀ ସମ୍ପର୍କରେ ସ୍ମରଣ କରାଯାଇ ଆଜିର ଏହି ଶହୀଦ ଦିବସ ପାଳିତ ହୋଇଥିଲା। ଗ୍ରାମର ଯୁବ ନେତା ତଥା ବିଶିଷ୍ଟ ସମାଜସେବୀ ମନୋରଞ୍ଜନ ତିରିଆଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଦସ୍ୟ ରାଜେନ୍ଦ୍ର ବର୍ମା ମୁଖ୍ୟବକ୍ତା, ଗ୍ରାମର ବିଶିଷ୍ଟ ବ୍ୟକ୍ତି ରାହୁଲ ତିରିଆ ମୁଖ୍ୟଅତିଥି ଓ ସମ୍ମାନୀୟ ବକ୍ତା ଭାବେ ମନୋଜ ମହାନ୍ତ, ଦୁଲାକ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ। ବକ୍ତାମାନେ ବିର୍ସା ମୁଣ୍ଡାଙ୍କ ସଂଗ୍ରାମୀ ଜୀବନର ସ୍ମୃତି ଚାରଣ କରିବା ସଙ୍ଗେ ସଙ୍ଗେ ତାଙ୍କର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜିର ସାମାଜିକ ଅନ୍ୟାୟ ଅତ୍ୟାଚାର ବିରୋଧରେ ସଂଗ୍ରାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ବିର୍ସାଙ୍କ ଉପରେ ରଚିତ ମୁଣ୍ଡାରୀ ସଙ୍ଗୀତ ଗାନ କରାଯାଇଥିଲା।

**ରାଇରଙ୍ଗପୁର:** ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା କାର୍ଯ୍ୟାଳୟ ପରିସରରେ ବିର୍ସା ମୁଣ୍ଡାଙ୍କ ଶ୍ରଦ୍ଧାବାର୍ଷିକୀ ପାଳିତ ହୋଇଯାଇଛି। ପ୍ରଥମେ କାର୍ଯ୍ୟାଳୟରେ ବିର୍ସା ମୁଣ୍ଡାଙ୍କ ଫୋଟୋଚିତ୍ରରେ କର୍ମୀମାନେ ପୂଜାର୍ଚ୍ଚନା କରିବା ପରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଉପସ୍ଥିତ ଅତିଥିମାନେ ବିର୍ସା ମୁଣ୍ଡାଙ୍କ ଆଦିବାସୀ ସମାଜ ପ୍ରତି ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।

**ବଡ଼ଡାଲିମା/ତିରିଙ୍ଗ:** ବୀର ସ୍ୱାଧୀନତା ସଂଗ୍ରାମୀ ସହୀଦ ବିର୍ସା ମୁଣ୍ଡା ୯ ଜୁନ ୧୯୦୦ ମସିହାରେ ତିରୋଧାନ କରିଥିଲେ। ଏହି ଦିବସକୁ ଓଡ଼ିଶାର ସମସ୍ତ ଆଦିବାସୀ ସମ୍ପ୍ରଦାୟ ପୁଣ୍ୟତିଥିଭାବେ ପାଳନ କରିଆସୁଛନ୍ତି। ଆଜି ତିରିଙ୍ଗ ବ୍ଲକ ଅନ୍ତର୍ଗତ ବାରୁଡ଼ିହିଠାରେ ଆଦିବାସୀ ସମ୍ପ୍ରଦାୟର ଲୋକେ ତାଙ୍କର ପୁଣ୍ୟତିଥି ପାଳନ କରିଛନ୍ତି। ଏଥିସହିତ ବାରୁଡିହି ପ୍ରାଥମିକ ବିଦ୍ୟାଳୟରେ 'ହୋ' ଲାଙ୍ଗୁଏଜ ଏଜୁକେଶନ କାଉନସିଲ ଓଡ଼ିଶା ଆନୁକୂଲ୍ୟରେ ବାରୁଡ଼ିହି ଓରାଙ୍ଗଚିତ ଇତୁନ ମନେ୍ଦା ଶିକ୍ଷାନୁଷ୍ଠାନ ଜରିଆରେ ବହୁସଂଖ୍ୟାରେ ଓରାଙ୍ଗଚିତ ଲୋୟାରର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ବିର୍ସାମୁଣ୍ଡା ପୁଣ୍ୟତିଥି ଜୟନ୍ତୀ ଓ ପରୀକ୍ଷା କେନ୍ଦ୍ରକୁ ତିରିଙ୍ଗ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବାବୁଲୁ ପୂର୍ତ୍ତି, ଗୁରୁଚରଣ ପୂର୍ତ୍ତି, ପରୀକ୍ଷା କେନ୍ଦ୍ରର କୋର୍ଡିନେଟର ବଳରାମ ପୂର୍ତ୍ତି, ଉଦୟ ପୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ।



## କାଳବୈଶାଖୀ ବିପନ୍ନଙ୍କୁ ସହାୟତା



**ଆନନ୍ଦପୁର, ୯।୬(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଦରଡିପାଳ ପଞ୍ଚାୟତର ବାଲିପାଳ ଗ୍ରାମର କାଳବୈଶାଖୀରେ ଆହତ ହୋଇଥିବା ବକଟି ସେଠୀ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ବରିପାଳ ପଞ୍ଚାୟତର ନାରଙ୍ଗପୁର ଗ୍ରାମର ବାପୁଜୀ ଶାଙ୍କର ଘରଟି ସମ୍ପୂର୍ଣ୍ଣ ଉଡ଼ି ଯାଇଛି। ଖବରପାଇ ସମାଜସେବୀ ଡ. ଶମ୍ଭୁନାଥ ରାଉତ ଉପଜିଲ୍ଲାପାଳ, ତହସିଲଦାର ଓ ବିଡିଓଙ୍କ ସହ ଯୋଗାଯୋଗ କରିଥିଲେ। ତହସିଲଦାର ନାରଙ୍ଗପୁର ଗ୍ରାମରେ ପହଞ୍ଚି ଘଟଣାକୁ ଅନୁଧାନ କରି ଅଗ୍ନିଶମ କର୍ମଚାରୀଙ୍କ ସାହାଯ୍ୟରେ ରାସ୍ତା ଅବରୋଧକୁ ହଟାଇଥିଲେ। ଡ. ରାଉତ ଉପରୋକ୍ତ ଦୁଇ ପରିବାରକୁ ଚାରି ହଜାର ଟଙ୍କା ଲେଖାଏଁ ଆପତ୍ କାଳୀନ ସାହାଯ୍ୟ ପ୍ରଦାନ କରିବା ସହ ସରକାରଙ୍କ ତରଫରୁ ଯଥାଶୀଘ୍ର ସାହାଯ୍ୟ ଯୋଗାଇ ଦେବାପାଇଁ ଦାବି କରିଛନ୍ତି।

# ଅମାନତ ହରାଇଲେ ୬୬ ଜଣ ପ୍ରାର୍ଥୀ

କେନ୍ଦୁଝର, ୯।୬ (ସମିସ)

ସରିଯାଇଛି ନିର୍ବାଚନ। ଏବେ ହାରଜିତ୍‌ର ଫଳଫଳକୁ ନେଇ ସବୁଠି ଚର୍ଚ୍ଚା। କେଉଁ ପ୍ରାର୍ଥ କେତେ ଭୋଟ ପାଇଲେ, କାହାର ରହିଲା ଅମାନତ ବା କାହାକୁ ହରାଇବାକୁ ପଡ଼ିଲା ଅମାନତ; ଏମିତି ଚାଲିଛି ଅଙ୍କକଷା। ତେବେ ନିର୍ବାଚନ ଫଳଫଳକୁ ଦେଖିଲେ ବହୁ ନିର୍ବାଚନୀ ମଣ୍ଡଳରେ କେବଳ ପ୍ରମୁଖ ୨/୩ ଜଣ ପ୍ରାର୍ଥୀଙ୍କୁ ଛାଡ଼ିଦେଲେ ଆଉ ସବୁ ପ୍ରାର୍ଥୀ ନିଜର ଅମାନତ ହରାଇଛନ୍ତି। ଏପରିକି କିଛି ଦଳୀୟ ପ୍ରାର୍ଥୀଙ୍କୁ ମଧ୍ୟ ଅମାନତ ହରାଇବାକୁ ପଡ଼ିଛି। ସୂଚନା ଅନୁସାରେ, ନିର୍ବାଚନ ମଣ୍ଡଳୀର ମୋଟ ଭୋଟରୁ ଏକ ଷଷ୍ଠାଂଶରୁ କମ ଭୋଟ ପାଇଥିଲେ ପ୍ରାର୍ଥୀଙ୍କୁ ନିଜର ଅମାନତ ହରାଇବାକୁ ପଡ଼ିବ। ଅର୍ଥାତ୍ ମୋଟ ଭୋଟର ୧୬.୬ ପ୍ରତିଶତ ଉପରେ ରଖିଥିଲେ ନିଜ ଅମାନତ ଫେରିପାଇବେ। ସେହିକ୍ରମରେ ଦେଖିଲେ ଚଳିତ ନିର୍ବାଚନରେ କେନ୍ଦୁଝର ସଂସଦୀୟ କ୍ଷେତ୍ରରେ ଲୋକସଭାରେ ୧୧ ଜଣ ଏବଂ ବିଭିନ୍ନ ବିଧାନସଭା କ୍ଷେତ୍ରରେ କେନ୍ଦୁଝର ଜିଲ୍ଲାର ୬୨ ଜଣ ଓ ମୟୂରଭଞ୍ଜରୁ ୧୧ ଜଣ ପ୍ରାର୍ଥୀ ହୋଇଥିଲେ। ଏହି ସଂସଦୀୟ କ୍ଷେତ୍ରରେ ମୋଟ ୮୪ ଜଣ ପ୍ରାର୍ଥୀ ହୋଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ୬୬ ଜଣ ନିଜର ଅମାନତ ହରାଇଛନ୍ତି। ବିଜେଡି ସବୁ ଆସନରେ ନିଜ ଅମାନତ ରକ୍ଷା କରିପାରିଥିବା ବେଳେ ବିଜେପି କେବଳ ଘସିପୁରାକୁ ଛାଡ଼ି ସବୁ ଆସନରେ ଅମାନତ ରକ୍ଷା କରିପାରିଛି। ତେବେ କେବଳ ଆନନ୍ଦପୁର ଓ କରଞ୍ଜିଆକୁ ଛାଡ଼ି କଂଗ୍ରେସ ସବୁ ଆସନରେ ଅମାନତ ହରାଇଛି। ଘସିପୁରା ଆସନରେ ଜଣେ ନିର୍ଦ୍ଦଳୀୟ ପ୍ରାର୍ଥୀ ଅମାନତ ରକ୍ଷା କରିଛନ୍ତି। ଆଉ କୌଣସି ଦଳୀୟ ବା ନିର୍ଦ୍ଦଳୀୟ ପ୍ରାର୍ଥୀ ନିଜ ଅମାନତ ରକ୍ଷା କରିପାରିନାହାନ୍ତି।



କେନ୍ଦୁଝର ସଂସଦୀୟ କ୍ଷେତ୍ରରେ ମୋଟ ୧୧ ଜଣ ପ୍ରାର୍ଥୀ ହୋଇଥିଲେ। ଯେଉଁଥିରେ କେବଳ ବିଜୟୀ ବିଜେପି ଓ ଉପବିଜୟୀ ବିଜେଡିକୁ ଛାଡ଼ି ଅନ୍ୟ ୯ ଜଣ ପ୍ରାର୍ଥୀ ନିଜର ଅମାନତ ହରାଇଛନ୍ତି। ଏପରିକ କଂଗ୍ରେସ ଏଠାରେ ମାତ୍ର ୮.୩୮ ପ୍ରତିଶତ ଭୋଟ ପାଇଛି। ସେହିପରି କେନ୍ଦୁଝର ବିଧାନସଭା କ୍ଷେତ୍ରରେ ମଧ୍ୟ କେବଳ ବିଜେପି ଓ ବିଜେଡି ନିଜ ଅମାନତ ଫେରିପାଇବେ। ଏଠାରେ ମଧ୍ୟ କଂଗ୍ରେସ ସମେତ ୮ ଜଣଙ୍କୁ ଅମାନତ ହରାଇବାକୁ ପଡ଼ିବ। ତେଲକୋଇରେ ମଧ୍ୟ ୭ ଜଣଙ୍କ ମଧ୍ୟରୁ ୫ ଜଣଙ୍କ ଅମାନତ ହରାଇଛନ୍ତି। ଏଠାରେ ବିଜେପି ଓ ବିଜେଡିକୁ ଛାଡ଼ି ଦେଲେ କଂଗ୍ରେସ ମାତ୍ର ୫.୯୧ ପ୍ରତିଶତ ଭୋଟ ପାଇଛି। ପାଟଣାରେ ୧୦ ଜଣ ପ୍ରାର୍ଥୀ ହୋଇଥିବା ବେଳେ ୮ ଜଣଙ୍କୁ ଅମାନତ ହରାଇବାକୁ ପଡ଼ିବ। ଯେଉଁଥିରେ କଂଗ୍ରେସ ମଧ୍ୟ ରହିଛି। ଏଠାରେ ପୂର୍ବତନ ବିଧାୟକ ହୃଷୀକେଶ ନାଏକ କଂଗ୍ରେସ ପ୍ରାର୍ଥୀ ହୋଇ ମଧ୍ୟ ସେ ନିଜର ଅମାନତ ହରାଇଛନ୍ତି। ସବୁଠାରୁ ଅଧିକ ପ୍ରାର୍ଥୀ ହୋଇଥିବା ଚମ୍ପୁଆରେ ବିଜେଡି, ବିଜେପିକୁ ଛାଡ଼ି ୧୩ ଜଣ ଅମାଜତ ହରାଇଛନ୍ତି। ଯେଉଁଥିରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରୀ ଅଛନ୍ତି। ସେହିପରି ଘସିପୁରାରେ ହୋଇଥିବା ୧୩ ପ୍ରାର୍ଥୀଙ୍କ ମଧ୍ୟ କେବଳ ବିଜେଡି ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଛାଡ଼ି ଅନ୍ୟ ୧୧ ଜଣଙ୍କୁ ଅମାତନ ହରାଇବାକୁ ପଡୁଛି। ଯେଉଁଥିରେ ବିଜେପି ଓ କଂଗ୍ରେସ ମଧ୍ୟ ରହିଛି। ତେବେ ସବୁଠାରୁ କମ ପ୍ରାର୍ଥୀ ଥିବା ଆନନ୍ଦପୁରରେ ୩ ଜଣ ନିଜ ଅମାନତ ରକ୍ଷା କରିପାରୁନଥିବା ବେଳେ ୪ ଜଣଙ୍କୁ ହରାଇବାକୁ ପଡୁଛି। ଏଠାରେ କଂଗ୍ରେସ ପ୍ରାର୍ଥୀ ଦ୍ୱିତୀୟ ଓ ବିଜେପି ତୃତୀୟ ସ୍ଥାନରେ ଥିଲେ ମଧ୍ୟ ନିଜ ଅମାନତ ରକ୍ଷା କରିପାରିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ଥିବା କରଞ୍ଜିଆରେ ବିଜେଡି, ବିଜେପି ଓ କଂଗ୍ରେସ ନିଜ ଅମାନତ ରକ୍ଷା କରିଥିବା ବେଳେ ୮ ଜଣ ଅମାନତ ଫେରିପାଇପାରିବେ ନାହିଁ। ଏପରିକି ଏଠାରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ପୂର୍ବତନ ବିଧାୟକ ବିଜୟ ନାଏକଙ୍କୁ ମଧ୍ୟ ନିଜ ଅମାନତ ହରାଇବାକୁ ପଡ଼ିବ।

## ରଜ ପାଇଁ ଗାଁରେ ଲାଗିଲାଣି ଦୋଳି



**ହାଟଡ଼ିହୀ, ୯।୬(ସମିସ):** ପାରମ୍ପରିକ ଗଣପର୍ବ ଭାବେ ରଜପର୍ବଟିକୁ ଓଡ଼ିଆମାନେ ଖୁବ ଆଡ଼ମ୍ବରରେ ସହକାରେ ପାଳନ କରୁଥିଲା ବେଳେ ଏହା ହାଟଡିହୀର ବିଭିନ୍ନ ଅଞ୍ଚଳରେ ବେଶ ଧୂମଧାମରେ ପାଳନ କରାଯାଇଥାଏ। ରଜପର୍ବକୁ ପାଳିବା ନେଇ ବିଭିନ୍ନ ସ୍ଥାନରେ ଖାଇ ଦୋଳି, ପଟା ଦୋଳି, ଦଉଡ଼ି ଦୋଳି, ସ୍ପ୍ରିଂ ଦୋଳି, ଚକିର ଦୋଳି ଆଦି ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଦୋଳି ଖେଳିବା ନେଇ ସଭିଁଙ୍କ ମନରେ ଉତ୍ସାହ ଭରି ରହିଛି। ଘରେ ଘରେ ପିଠା ପଣା ଓ ଆମ୍ବ, ପଣସର ଅଶାର ଜମିଥାଏ। ହାଟଡ଼ିହୀର ଢେଙ୍କା, ପୁରୁଣାପାଣି, ହଦଗଡ଼, ପଡ୍ଡିଆରିପଲ୍ଲୀ, ଶାଳଣିଆଁ, ଅଁରା, କଳିଗାଁ, ଆବୁଲପୁରା, ଶାସଙ୍ଗ, ଆମ୍ବୋ, ତରଭା, ମୁଗୁପୁର ଆଦି ସ୍ଥାନରେ ରଜପର୍ବଟିକୁ ମହାଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ। ରଜପର୍ବଟି ହାଟଡ଼ିହୀ ଅଞ୍ଚଳର ଏକ ପାରମ୍ପରିକ ପର୍ବ। ରଜରେ ପୋଡ଼ ପିଠା ଓ ପାନ ଖିଆ ସହିତ ଝିଅମାନଙ୍କ ରଜ ଦୋଳି ଓ ପୁଚି ଖେଳ ସହ ପୁଅମାନଙ୍କ ଲୁଡୁ, ତାସ, ବାଗୁଡ଼ି ଆଦି ଖେଳି ଏହି ଦିବସଟି ପାଳନ କରାଯାଇଥାଏ ବୋଲି ରାଜସ୍ୱ ବିଭାଗର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ପ୍ରଶାନ୍ତ କୁମାର ମହାପାତ୍ର କହିଛନ୍ତି।

## ତମ୍ବାହାର ଗ୍ରାମରୁ କାଠ ବୋଝେଇ ଟ୍ରକ୍ ଜବତ



**କେନ୍ଦୁଝର, ୯।୬(ସମିସ):** କେନ୍ଦୁଝର ସଦର ରେଞ୍ଜ ଜଙ୍ଘିରା ସେକ୍ସନ ତମ୍ବାହରା ଗ୍ରାମରୁ ବନ ବିଭାଗ କାଠ ବୋଝେଇ ଟ୍ରକ୍ ଜବତ କରିଛି। ଜବତ୍ କାଠର ମୂଲ୍ୟ ଆନୁମାନିକ ୧ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଗ୍ରାମ୍ୟ ଜଙ୍ଗଲରୁ ରାଜସ୍ୱ ଓ ବନ ବିଭାଗର ବିନା ଅନୁମତିରେ କାଠ କାଟି ଓଆର୦୫-ଏଫ୍-୪୩୨୩ ନମ୍ବର ବିଶିଷ୍ଟ ଏକ ୧୬ ଚକିଆ ଟ୍ରକ୍‌ରେ ଚାଲାଣ ହେଉଥିବା ବେଳେ ଧରାପଡ଼ିଛି। ଆଜି ମଧ୍ୟାହ୍ନରେ କୌଣସି ସୂତ୍ରରୁ ଖବର ପାଇ ଜଙ୍ଘିରା ଫରେଷ୍ଟର ଶରତ କୁମାର ପଟ୍ଟନାୟକ, ଫରେଷ୍ଟର ନିରଞ୍ଜନ ସେଠୀ ସ୍କ୍ୱାର୍ଡ କର୍ମଚାରୀଙ୍କୁ ନେଇ ତମ୍ବାହରା ଗ୍ରାମରୁ କାଠ ବୋଝେଇ ଟ୍ରକ ଜବତ୍ କରିଛନ୍ତି। ଏହି କାଠ ତମ୍ବାହରା ଗ୍ରାମ୍ୟ ଜଙ୍ଗଲ ରୁ କଟାଯାଇ ବାହାର ଜିଲ୍ଲାକୁ ଚାଲାଣ ହେଉଥିଲା। ବନ ବିଭାଗ ଏହି ଘଟଣାରେ ଡ୍ରାଇଭର ପ୍ରଫୁଲ୍ଲ କୁମାର ନାୟକଙ୍କୁ ଗିରଫ କରି ତଦନ୍ତ କରୁଛି। ଗିରଫ ଡ୍ରାଇଭରଙ୍କ ଘର କଟକ ଜିଲ୍ଲା ବଡମ୍ବା ଥାନା କେଶବାରିଣୀ ଗ୍ରାମରେ ବୋଲି ଜଣାପଡ଼ିଛି। ସେ ଦୀର୍ଘ ମାସ ହେବ କେନ୍ଦୁଝର ଜିଲ୍ଲାରେ ରହି ଏହି ଚୋରା କାରବାର କରୁଥିବା ସ୍ୱୀକାର କରିଛି। ଏହି ଘଟଣାର ମାଷ୍ଟର ମାଇଣ୍ଡକୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଫରେଷ୍ଟର ଶରତ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଗତ କିଛି ମାସ ହେବ କାଠ ମାଫିଆମାନେ ସ୍ଥାନୀୟ ଗ୍ରାମବାସୀଙ୍କୁ ପ୍ରଲୋଭନ ଦେଇ ସରକାରୀ, ଗ୍ରାମ୍ୟ ଜଙ୍ଗଲରୁ ୟୁକାଲିପଟାସ, ଆକାଶିଆ ଆଦି ଗଛ କାଟି ବାହାରକୁ ଚାଲାଣ କରୁଛନ୍ତି। କେନ୍ଦୁଝର ଜିଲ୍ଲାରେ ତାପମାତ୍ରା ଚଳିତ ବର୍ଷ ସର୍ବାଧିକ ୪୩ ଡିଗ୍ରୀ ଟପିଥିବାବେଳେ ବ୍ୟାପକ ବୃକ୍ଷ ଛେଦନ ପରିବେଶକୁ ଅଧିକ ଉତ୍ତପ୍ତ କରୁଛି। ଯେତିକି ପରିମାଣର ବୃକ୍ଷରୋପଣ ହେଉଛି ତା' ଠାରୁ ବହୁ ଗୁଣ ଗଛ କଟାଯାଉଛି। ଫଳରେ ପରିବେଶ ନଷ୍ଟ ହୋଇ ବିପଦ ସୃଷ୍ଟି କରୁଛି। କାଠ ମାଫିଆମାନେ ସଦର ରେଞ୍ଜ, ପାଟଣା, ଚମ୍ପୁଆ ରେଞ୍ଜ ଅଞ୍ଚଳରେ ବ୍ୟାପକ ଭାବରେ ଏଭଳି ଗଛ କାଟି ଚାଲାଣ କରୁଥିବାରୁ ସମଗ୍ର ଜିଲ୍ଲାରେ ଜଙ୍ଗଲ ଶୂନ୍ୟ ହେବାକୁ ବସିଛି। ୟୁକାଲିପଟାସ, ଆକାଶିଆ ଗଛ କାଟିବା ସହିତ ଅନ୍ୟ ପ୍ରଜାତିର ଗଛ ଲୁଚାଛପାରେ କାଟି ନେଉଛନ୍ତି। ଘଞ୍ଚ ଜଙ୍ଗଲ ଥିବା ଅଞ୍ଚଳରେ ବ୍ୟାପକ ମାତ୍ରାରେ ଗଛ କଟାଯାଉଥିବାରୁ ବନ୍ୟପ୍ରାଣୀ ବାସହରା ହେଉଛନ୍ତି। ବନ ବିଭାଗର କେତେ ଅସାଧୁ କର୍ମଚାରୀ କାଠ ମାଫିଆଙ୍କ ସହ ଭିତିରି ସମ୍ପର୍କ ଥିବାରୁ ଏହି ଚୋରା କାରବାର ବଢୁଛି।

## ଟ୍ରକ୍ ଧକ୍କାରେ ବାଇକ୍ ଚୁର୍‌ମାର

**ଯୋଡ଼ା, ୯।୬(ସମିସ):** କେନ୍ଦୁଝର ଜିଲ୍ଲା ବାମେବାରି ଥାନା ଅନ୍ତର୍ଗତ କାଳିମାଟି ଠାରେ ଏକ ଟ୍ରକ୍ ଧକ୍କାରେ ବାଇକ୍ କ୍ଷତିଗ୍ରସ୍ତ ହୋଇଥିବା ବେଳେ ବାଇକ୍ ଆରୋହୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବାଇକ୍ ଆରୋହୀ ହେଲେ ପର୍ଯ୍ୟନପୁର କେଶରିଆ ଅଞ୍ଚଳର ସୁବାସ ତନ୍ତୀ। ତାଙ୍କ କହିବା ମୁତାବକ, ସେ ତାଙ୍କ ବାଇକ୍ ଯୋଗେ ସିଲଯୋଡା ଅଞ୍ଚଳକୁ ଯାଉଥିଲେ। ସନ୍ଧ୍ୟା ସମୟରେ ତାଙ୍କୁ ଏକ ଟ୍ରକ୍ ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ଟି ଟ୍ରକ୍ ସମ୍ମୁଖରେ ଚାପି ହୋଇ ଯାଇଥିବା ବେଳେ କୌଶଳ କ୍ରମେ ବାଇକ୍ ଆରୋହୀ ସୁବାସ ବାଇକ୍‌ରୁ ଡେଇଁ ପଡ଼ିଥିଲେ। ତେବେ ସେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ତାଙ୍କ ବାଇକ୍‌ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ସେ କହିଛନ୍ତି।

## ନୂତନ ବିଧାୟକଙ୍କୁ ଭେଟିଲା ଡ୍ରାଇଭର ମହାସଙ୍ଘ



**ହାଟଡିହୀ, ୯।୬(ସମିସ):** ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କୁ ଆଜି ପୂର୍ବାହ୍ନରେ କେନ୍ଦୁଝର ଜିଲ୍ଲା ହାଟଡିହୀ ଡ୍ରାଇଭର ମହାସଙ୍ଘର ଉପସଭାପତି ଦିଲ୍ଲୀପ କୁମାର ମଲ୍ଲିକ, କୋଷାଧ୍ୟକ୍ଷ ଧନିଆ ସାହୁ, ସକ୍ରିୟ ସଦସ୍ୟ ଭାବଗ୍ରାହି ପାଗଳ, ନିରଞ୍ଜନ ବେହେରା, ରବୀନ୍ଦ୍ର କୁମାର ସା, ଅମୂଲ୍ୟ ଜେନା, ଧନିଆ ମାଝୀଙ୍କ ସମେତ ଅନେକ ସଦସ୍ୟ ବୃନ୍ଦ ଏକତ୍ରିତ ହୋଇ ବିଧାୟକ ଅଭିମନ୍ୟୁଙ୍କ ବସଭବନରେ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଭେଟିଥିଲେ। ଡ୍ରାଇଭର ମହାସଂଘର ଆଞ୍ଚଳିକ ସମସ୍ୟା ଗୁଡ଼ିକ କିଭଳି ଦୂର ହେବ ସେନେଇ ସକ୍ରିୟ ସଦସ୍ୟମାନେ ବିସ୍ତୃତ ଆଲୋଚନା କରିବା ସହିତ ଡ୍ରାଇଭର ମାନଙ୍କ ପ୍ରତିଟି ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ ଡ୍ରାଇଭର ମହାସଂଘର ସଦସ୍ୟମାନେ ଅନୁରୋଧ କରିଥିଲେ।

## ତେଲକୋଇରେ ବିର୍ସା ମୁଣ୍ଡା ଜୟନ୍ତୀ

ତେଲକୋଇ, ୯।୬(ସମିସ): ଆଜି କେନ୍ଦୁଝର ଜିଲ୍ଲା ତେଲକୋଇ ବିର୍ସା ମୁଣ୍ଡା ଛକରେ ବିର୍ସା ମୁଣ୍ଡାଙ୍କ ୧୨୪ତମ ସହିଦ ଦିବସ ପାଳିତ ହୋଇଯାଇଛି। ସନ୍ଧ୍ୟାରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଧନୁର୍ଜୟ ସିଦୁ ପୁଷ୍ପମାଲ୍ୟ ଦେଇଥିଲେ। ବିର୍ସା ଗରିବ ଆଦିବାସୀଙ୍କ ଭଗବାନ ଥିଲେ। ଇଂରେଜମାନଙ୍କ ବିପକ୍ଷରେ ଲଢ଼େଇ କରି ସେ ସହୀଦ ହୋଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ବିର୍ସା ମୁଣ୍ଡା ସଂଗଠନର ସଦସ୍ୟ ରବି ମୁଣ୍ଡା, ଶଙ୍କର୍ଷଣ ମୁଣ୍ଡା, ସନାତନ ମୁଣ୍ଡା, ଗଣେଶ ମୁଣ୍ଡା, ସଞ୍ଜୀବ ମୁଣ୍ଡା, ସନ୍ତୋଷ ମୁଣ୍ଡା, ନାରାୟଣ ନାୟକ, ଡମ୍ବରୁଧର ସାହୁ, ସୁବାସ ଚନ୍ଦ୍ର ବିଶ୍ୱାଳ, ତୁଷାର ରଞ୍ଜନ ପ୍ରଧାନ, ପ୍ରକାଶ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।



## ଆନନ୍ଦପୁର ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମାନ୍ୟତା ଦାବି




**ଆନନ୍ଦପୁର, ୯।୬(ସମିସ):** କେନ୍ଦୁଝର ଜିଲ୍ଲାର ଅନ୍ୟତମ ସର୍ବପୁରାତନ ଶିକ୍ଷାନୁଷ୍ଠାନ ଆନନ୍ଦପୁର ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ବିଭିନ୍ନ ସମସ୍ୟାରେ ସନ୍ତୁଳିତ ହେଉଥିବା ଏହି ପୁରାତନ ଶିକ୍ଷାନୁଷ୍ଠାନରେ ସାଧାରଣ ଛାତ୍ରାବାସ, ଜନଜାତି ଛାତ୍ରାବାସ ଓ ୩ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ନିର୍ମାଣ କରିବାକୁ ପୁରାତନ ଛାତ୍ରସଂଘ ପକ୍ଷରୁ ଦାବି ହୋଇଛି। ୧୯୬୪ ମସିହାରେ ସ୍ଥାପିତ ହୋଇଥିବା ଆନନ୍ଦପୁର ମହାବିଦ୍ୟାଳୟରେ ଆନନ୍ଦପୁର ଉପଖଣ୍ଡ ସମେତ ମୟୂରଭଞ୍ଜ, ଭଦ୍ରକ ଓ ଯାଜପୁର ଜିଲାର ସୀମାନ୍ତ ଅଞ୍ଚଳର ଛାତ୍ରଛାତ୍ରୀ ଶିକ୍ଷାଲାଭ କରିଥାନ୍ତି। ବିଶେଷ କରି ଦୂରଦୂରାନ୍ତରୁ ଶହ ଶହ ଛାତ୍ରୀ ପ୍ରତ୍ୟେକ ବର୍ଷ ଅଧ୍ୟୟନ କରିବା ପାଇଁ ଆସୁଥିବା ବେଳେ ଛାତ୍ରୀ ନିବାସର ସିଟ୍ ସଂଖ୍ୟା କମ୍ ଥିବାରୁ ଗରିବ ଶ୍ରେଣୀର ଛାତ୍ରୀମାନେ ମହାବିଦ୍ୟାଳୟ ବାହାରେ ଭଡାସୂତ୍ରରେ ମେସ୍ କରି ଖର୍ଚ୍ଚାନ୍ତ ହୋଇ ପାଠ ପଢୁଥିବା ବେଳେ ଅନେକ ଛାତ୍ରୀ ଛାତ୍ରୀନିବାସ ସୁବିଧାରୁ ବଞ୍ଚିତ ହେଉଥିବା ଜଣାଯାଇଛି। ଶିକ୍ଷାଦାନ କ୍ଷେତ୍ରରେ ଏହି ମହାବିଦ୍ୟାଳୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ଛାତ୍ରଛାତ୍ରୀଙ୍କର ପ୍ରଥମ ପସନ୍ଦ ଆନନ୍ଦପୁର ମହାବିଦ୍ୟାଳୟ ଉପରେ ରହିଥାଏ। ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ହେବାର ୬୦ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଛାତ୍ରୀମାନଙ୍କ ନିମନ୍ତେ ଏକ ଉନ୍ନତମାନର ଛାତ୍ରୀ ନିବାସ ନଥିବାରୁ ଗୋଟିଏ ରୁମ୍‌ରେ ଆବଶ୍ୟକଠାରୁ ଅଧିକ ଛାତ୍ରୀ ରହିବାକୁ ବାଧ୍ୟ ହେଉଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ପ୍ରତ୍ୟେକ ଶିକ୍ଷାନୁଷ୍ଠାନକୁ ରୂପାନ୍ତରୀଣ ପ୍ରକ୍ରିୟାରେ ରାଜ୍ୟ ସରକାର ଆବଶକୀୟ ଅନୁଦାନ ଯୋଗାଇ ଦେଉଥିବା ବେଳେ ବହୁ ଦିନରୁ ଦାବି ହୋଇ ଆସୁଥିବା ଆନନ୍ଦପୁର ମହାବିଦ୍ୟାଳୟର ଛାତ୍ରୀମାନଙ୍କ ପାଇଁ ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ନିର୍ମାଣ କରିବା ପାଇଁ ଆନନ୍ଦପୁର ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ପକ୍ଷରୁ ଦାବି ହୋଇଛି।

## ମଠବାଡ଼ିରେ ରଜ ଉତ୍ସବ ପାଇଁ ପ୍ରସ୍ତୁତି



**ଆନନ୍ଦପୁର, ୯।୬(ସମିସ):** ଆନନ୍ଦପୁରର ଗାଦିଗୋସେଇଁ ପୀଠ ମଠବାଡିରେ ରଜ ଉତ୍ସବ ଉପଲକ୍ଷେ ପ୍ରସ୍ତୁତି ଆରମ୍ଭ ହୋଇଛି। ଆୟୋଜକ କମିଟି ପକ୍ଷରୁ ରଜ ଉତ୍ସବରେ ପିଲାଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ କସିମର ଦୋଳିର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଚାରି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ରଜପର୍ବରେ ପିଲାମାନଙ୍କ ମନୋରଞ୍ଜନ ପାଇଁ କାର୍ଟୁନ୍ ଦୋଳି, ଚକିରି ଦୋଳି, ବ୍ରେକ୍ ଡ୍ୟାନ୍ସ ଦୋଳି, ଜମ୍ପିଂ ଦୋଳି, ମିକି ମାଉସ୍ ଦୋଳି, ରାମ ଦୋଳି, ଟ୍ରେନ୍ ଦୋଳିର ବ୍ୟବସ୍ଥା କରାଯାଇଛି। ଏହା ସହିତ ମୀନା ବଜାର ସହିତ ବିଭିନ୍ନ ପ୍ରକାରର ଖାଦ୍ୟର ଆସରର ବ୍ୟବସ୍ଥା ଗ୍ରାହଣ କରାଯାଇଛି। ଆୟୋଜିତ ଏହି ପର୍ବ ଉପଲକ୍ଷେ ଚାରି ଦିନ ଧରି ବହୁ ସୁନାମଧନ୍ୟ ବ୍ୟକ୍ତି ବିଶେଷଙ୍କୁ ନେଇ ସଭାର ଆୟୋଜନ ମଧ୍ୟ କରାଯାଇଛି। ସଭା ପରେ ବିଭିନ୍ନ ନାମି ଦାମି ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ବ୍ୟବସ୍ଥା ରହିଛି। ପ୍ରତି ବର୍ଷ ରଜ ଉତ୍ସବରେ ଗାଦିଗୋସେଇଁ ପୀଠରେ ଜନଗହଳିପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇ ରଜ ଉତ୍ସବ ନିମନ୍ତେ ସ୍ୱତନ୍ତ୍ର ମାହୋଲ ସୃଷ୍ଟି ହୋଇଥାଏ। ଏହି ରଜ ଉତ୍ସବରେ ଭିଡକୁ ଦୃଷ୍ଟିରେ ରଖି କମିଟି ସଦସ୍ୟ ମାନେ ସମସ୍ତ ବ୍ୟବସ୍ଥା ଗ୍ରହଣ କରିଛନ୍ତି।

### ୩ ସପ୍ତାହ ପରେ ରଥଯାତ୍ରା; ଏଯାଏଁ ଆରମ୍ଭ ହୋଇନି ପ୍ରସ୍ତୁତି

# ଆନନ୍ଦପୁରରେ ପହଞ୍ଚି ପାରୁନି କାଠ

ଆନନ୍ଦପୁର, ୯।୬(ସମିସ)

ଆସନ୍ତା ଜୁଲାଇ ୭ରେ ହେବାକୁ ଥିବା ଚଳିତ ବର୍ଷର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆଉ ମାତ୍ର ତିନି ସପ୍ତାହ ବାକିଥିବା ବେଳେ ଆନନ୍ଦପୁରରେ ଏଯାଏଁ ପ୍ରସ୍ତୁତି ଆରମ୍ଭ ହୋଇନାହିଁ। ଅକ୍ଷୟତୃତୀୟାଠାରୁ ରଥକାଠ ଅନୁକୂଳ କରାଯାଇ ମରାମତି ଆରମ୍ଭ ହେବାର ବିଧିବିଧାନ ଥିବା ବେଳେ ବଡଦାଣ୍ଡରେ ଥିବା ଶ୍ରୀଦଧିବାମନଜିଉଙ୍କ ରଥର ମରାମତି ଏଯାଏଁ ଆରମ୍ଭ ହୋଇନାହିଁ। ଗତ ୪ ବର୍ଷ ହେବ କେବଳ କାମଚଳା ନୀତିରେ ରଥ ଗଢୁଥିବା ବେଳେ ମୁଖ୍ୟ ଅଖ ବଦଳାଇବାର ଆବଶ୍ୟକତା ଅନୁଭୂତ ହୋଇଥିଲେ ମଧ୍ୟ ଏଥିପାଇଁ ଆନୁଷଙ୍ଗିକ ଉଦ୍ୟମ ହେଉନଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରଥର ମରାମତି ପାଇଁ ଗତବର୍ଷରୁ ରଥକାଠ ସ୍ଥାନୀୟ ଗୟଳମୁଣ୍ଡାରେ ସଂଗ୍ରହ କରାଯାଇଥିଲେ ମଧ୍ୟ ଯୋଗାଯୋଗ ଓ ଆନ୍ତରିକତା ଅଭାବରୁ ଏହି ରଥକାଠ ଆନନ୍ଦପୁରକୁ ଆସି ପାରୁନଥିବା ଜଣାଯାଇଛି। ଆନନ୍ଦପୁର ବଡଦାଣ୍ଡରେ ଥିବା ରଥର ମୁଖ୍ୟ ଅଖ ଗତବର୍ଷଠାରୁ ଦୁର୍ବଳ ହୋଇପଡ଼ିଥିଲେ ମଧ୍ୟ ମରାମତି କରାଯାଇ ଗତବର୍ଷ କାମଚଳା ଭାବେ ରଥଯାତ୍ରା ହୋଇଥିଲା। ହେଲେ ଚଳିତବର୍ଷ ରଥର ମୁଖ୍ୟ ଅଖ ବଦଳା ନଗଲେ ବଡଦାଣ୍ଡରେ ରଥ ଗଢ଼ିପାରିବ ନାହିଁ ବୋଲି ଆଲୋଚନାରୁ ଜଣାଯାଇଛି। ଶ୍ରୀ ଦଧିବାମନଜିଉଙ୍କ ରଥଯାତ୍ରା ପାଖେଇ ଆସୁଥିଲେ ମଧ୍ୟ ଏଯାଏଁ ଦେବୋତ୍ତର ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ ହୋଇପାରିନାହିଁ। ଏଣୁ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର କାଠ ସଂଗ୍ରହ କରାଯିବା ସହିତ ରଥଯାତ୍ରା ପାଇଁ ଆବଶକୀୟ ପ୍ରସ୍ତୁତି ଓ ରଥ ମରାମତି କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।



## ମରେଇଗାଁ-ସୋସୋ ଭାୟା ଢେଙ୍କା ରାସ୍ତା ନିର୍ମାଣ ଦାବି



**ହାଟଡ଼ିହୀ, ୯।୬(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଅଧୀନ ମରେଇଗାଁ ଠାରୁ ସୋସୋ ଭାୟା ଢେଙ୍କା ଦେଇ ନିର୍ମାଣଧୀନ ନୂତନ ରାସ୍ତା କାର୍ଯ୍ୟରେ ସଢ଼ା ଠାରୁ ଢେଙ୍କା ଯାଏଁ ରାସ୍ତା ନିର୍ମାଣ କେବେ ବୋଲି ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମରେଇଗାଁ ଠାରୁ ସଢ଼ା ଯାଏଁ ନିର୍ମାଣ ହୋଇଥିବା ରାସ୍ତାଟି ବିସ୍ଥାପିତ କଲୋନୀ ଦେଇ ଢେଙ୍କା ଛକରେ ସଂଯୋଗ ହୋଇଥିବା ବେଳେ ପୁନଶ୍ଚ ତାହା ଢେଙ୍କା ଛକ ଠାରୁ ସୋସୋ କଲେଜ ଛକରେ ସଂଯୋଗ ହୋଇଛି। ତେବେ ଏଠି ପ୍ରଶ୍ନ ଉଠୁଛି କି, ସଢ଼ା ଠାରୁ ଭାୟା ସୁନ୍ଦରପୁର ଦେଇ ଲମ୍ବିଥିବା ରାସ୍ତାଟି ଗଲା କୁଆଡେ ବୋଲି ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ନବୀକରଣ କାହିଁକି ହେଲାନି। ସଢ଼ା ଠାରୁ ଢେଙ୍କା ଯାଏଁ ଯାଇଥିବା ପୁରୁଣା ରାସ୍ତାଟି କ'ଣ ସତରେ ହଜିଯିବ କି ବୋଲି ସ୍ଥାନୀୟ ବାସିନ୍ଦାଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଠିଛି। ପୁରୁଣା ରାସ୍ତାର ମରାମତି କିମ୍ବା ନବୀକରଣ ହେଉଥିଲା ବେଳେ ଏହି ରାସ୍ତାର ନବୀକରଣ କାର୍ଯ୍ୟ ନକ୍ସା ବାହାରକୁ ଚାଲିଗଲା ବୋଲି କି ବୋଲି ଲୋକେ କହୁଛନ୍ତି। ସରକାରଙ୍କ କେଉଁ ନକ୍ସା ବଳରେ ପୁରୁଣା ରାସ୍ତା ହଟି ନୂତନ ରାସ୍ତା ନିର୍ମାଣ ହେଲା ତାହାର ନକ୍ସା ବିଭାଗ ପକ୍ଷରୁ ପ୍ରଦାନ କରାଯାଉ ବୋଲି ଜନସାଧାରଣ ଦାବି କରିଛନ୍ତି।

